# ଏକାଦଶୀ ତିଥିରେ ବାହୁଡ଼ା ଯାତ୍ରା

**ଶେରଗଡ଼,୬।୭(ସମିସ):** ବ୍ୟତିକ୍ରମ ପରମ୍ପରା ଅନୁଯାୟୀ ବାହୁଡା ଯାତ୍ରା ପରଦିନ ଅର୍ଥାତ ଏକାଦଶୀ ତିଥିରେ ଶେରଗଡରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଦଶମୀ ତିଥିରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ବାହୁଡା ତିଥିରେ ଜନ୍ମ ବେଦୀରୁ ତିନି ଠାକୁରଙ୍କୁ ଧାଡ଼ି ପହଣ୍ଡିରେ ଅଣାଯାଇ ରଥ ଉପରେ ବିଜେ କରାଯାଏ। ପରେ ଶେରଗଡର ରାଜା ସାହେବ ପୂର୍ଣ୍ଣଚନ୍ଦ୍ର ସିଂ ଦେଓ ଠାକୁର ମାନଙ୍କୁ ସନ୍ଧ୍ୟା ଆଳତୀ ପ୍ରଦାନ କରିଥାନ୍ତି। ଏକାଦଶୀ ତିଥିରେ ଠାକୁର ଙ୍କୁ ସୁସଜ୍ଜିତ ବେଶ କରାଯାଇ ଆଳତୀ ପରେ ଭକ୍ତ ମାନଙ୍କୁ ଏକାଦଶୀ ପରମ୍ପରା ଅନୁଯାୟୀ ଦର୍ଶନ ଦେଇଥିଲେ।



ଶେରଗଡ ସହର ଓ ଏହାର ଆଖପାଖ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କ ଆଗମନ ହୋଇଥିଲା। ସନ୍ଧ୍ୟା ୪ଟାରେ ରାଜା ସାହେବ ରଥ ପାଖରେ ପହଞ୍ଚିବା ପରେ ରଥଟଣା ଆରମ୍ଭ ହୋଇଥିଲା ଏବଂ ରଥ ବଜାର ଛକ ମାଉସୀ ମା'ଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲା। ମନ୍ଦିର ପରିଚାଳନା କମିଟ ସଦସ୍ୟଙ୍କ ପରିଚାଳନାରେ ବାହୁଡା ଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା। ଶେରଗଡ ଥାନାଧିକାରୀ ବରେନ୍ଦ୍ର ସିଅଳଙ୍କ ସହିତ ପୁଲିସ ଟିମ ଉପସ୍ଥିତ ରହି ଭିଡ ନିୟନ୍ତ୍ରଣ କରିଥିଲେ।

## ■ ଧରାକୋଟରେ ବାହୁଡ଼ା ଯାତ୍ରା

# ମହିଳା ରାଜାଙ୍କ ଛେରା ପହଁରା; ବଡ଼ଦାଣ୍ଡ ଲୋକାରଣ୍ୟ

**ଧରାକୋଟ,୬।୭(ସମିସ):** ଓଡ଼ିଶା ସମେତ ଦେଶ, ବିଦେଶ ଠାରୁ ଆରମ୍ଭ କରି ସବୁଠି ବାହୁଡା ତିଥିରେ ରଥଟଣା ହେଉଥିବା ବେଳେ ଗଞ୍ଜାମ ଜିଲ୍ଲାର ଧରାକୋଟ ଗଡ଼ରେ ଏକ ନିଆରା ଢଙ୍ଗରେ ପରମ୍ପରା ପାଳନ ଅନୁଯାୟୀ ଏକାଦଶୀ ତିଥିରେ ରଥଟଣା ହୋଇଛି। ଶନିବାର ବାହୁଡା ଦିନ ଆଡ଼ପ ମଣ୍ଡପରେ ତିନି ଠାକୁରଙ୍କ ରୀତି ନୀତି ପରମ୍ପରା ଅନୁଯାୟୀ ସମ୍ପନ୍ନ ପରେ ଅପରାହ୍ନ ଚାରିଟା ରେ ଠାକୁରମାନଙ୍କୁ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା। ଏହି ଅବସରରେ ଗୁଣ୍ଡିଚା ବାଡି ମଠ ତରଫରୁ ତିନି ଠାକୁରଙ୍କୁ ଅଧର ପଣା ଅର୍ପଣ କରାଯାଇଥିଲା। ରବିବାର ପ୍ରାତଃ କାଳରେ ମଙ୍ଗଳ ଆଳତି, ବିଭୂତି ଭୋଗ, ମଙ୍ଗଳା ଅର୍ପଣ କରାଯାଇଥିଲା। ଅପରାହ୍ନରେ ରାଜା ସୁଲକ୍ଷଣା ଗୀତାଞ୍ଜଳି ନିଜର ସେନାପତି, ପାତ୍ର, ମନ୍ତ୍ରୀ, କଟୁଆଳ ଏବଂ ଅନୁଗତ ମାନଙ୍କ ସହ ରୂପା ପାଲିଙ୍କିରେ ବସି ବାଦ୍ୟ ବାଜଣା ସହିତ ପଟୁଆରରେ ଆସି ରଥ ଉପରେ ପହଞ୍ଚି ତିନି ଠାକୁରଙ୍କୁ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନରେ ଠାକୁରଙ୍କ ରଥ ଯାତ୍ରା ଆରମ୍ଭ ହୋଇଥିଲା। ତିନି ଠାକୁରଙ୍କ ସହ ରାଜାଙ୍କୁ ଦେଖିବା ପାଇଁ ଧରାକୋଟ ଏବଂ ଏହାର ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକ ବଡ଼ଦାଣ୍ଡରେ ଭିଡ ଜମାଇଥିଲେ। ଡାହୁକର ଗୀତର ତାଳେ ତାଳେ ରଥ ଆସି ସନ୍ଧ୍ୟାରେ ମଝି ଦାଣ୍ଡରେ ଅଟକି ଥିଲା। ରାଜା ସୁଲକ୍ଷଣା ଗୀତାଞ୍ଜଳି ଠାକୁର ମାନଙ୍କୁ ସନ୍ଧ୍ୟା ଆଳତି ରଥ ଉପରେ ପ୍ରଦାନ କରିଥିଲେ। ଏହା ପରେ ବଡ଼ପଣ୍ଡା ତ୍ରିନାଥ ପଣ୍ଡା ଠାକୁର ମାନଙ୍କୁ ରାତ୍ରୀ ଭୋଗ ଅର୍ପଣ କରିଥିଲେ। ଶେଷରେ ଠାକୁରମାନେ ବଡ଼ ସିଂହାର ପରେ ପହଡ଼ ଯାଇଥିଲେ। ପରମ୍ପରା ଅନୁଯାୟୀ ପୁରୀର ଗୋଟିଏ ଦିନ ପରେ ଧରାକୋଟରେ ଗୁଣ୍ଡିଚା ଓ ବାହୁଡା ଯାତ୍ରା ପାଳନ କରାଯାଉଛି। ଅନ୍ୟ ପକ୍ଷରେ ଦେଶ ବିଦେଶ, ରାଜ୍ୟ ସହ କୋଣ ଅନୁକୋଣ ଠାରୁ ପୁର ପଲିରେ ପୁରୁଷ ରାଜା, ସେମାନଙ୍କ ଦାୟାଦ ଓ ପ୍ରମୁଖ ବ୍ୟକ୍ତି ଠାକୁରଙ୍କ ସେବକ ଭାବରେ ରଥ ଉପରେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିବା ବେଳେ ଯାଜପୁର ଜିଲ୍ଲାର ମଧୁପୁର ଗଡ, ପାରଳାଖେମୁଣ୍ଡି ଓ ଧରାକୋଟରେ ମହିଳା ମାନେ ଠାକୁରଙ୍କ ସେବକ ଭାବରେ ରଥ ଯାତ୍ରା କରିଆସୁଛନ୍ତି। ଯାହାକି ଏକ ବିରଳ ବ୍ୟତିକ୍ରମ।





# ସୁନାବେଶରେ ମହାପ୍ରଭୁ



**ବେଲଗୁଣ୍ଠା,୬।୭(ସମିସ):** ବେଲଗୁଣ୍ଠା ବାହୁଡ଼ା ଯାତ୍ରାରେ ସ୍ଥାନୀୟ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ବିରାଟ ଟାହିଆ ବା ଝରା ଆକର୍ଷଣର କେନ୍ଦ୍ର ବିନ୍ଦୁ ଥିଲା। ରବିବାର ସନ୍ଧ୍ୟାରେ ଉଭୟ ସାହିରେ ମହାପ୍ରଭୁଙ୍କ ସୁନାବେଶ ହୋଇଥିବା ବେଳେ ଏହି ଅପୂର୍ବ ଦୃଶ୍ୟକୁ ଦେଖିବା ପାଇଁ ରଥ ଗୁଡ଼ିକ ନିକଟରେ ହଜାର ହଜାର ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ବିଡ଼ିଓ ବିଜୟ କୁମାର ପ୍ରଧାନ, ଥାନା ଅଧିକାରୀ ରେବତୀ ଶବର ଏବଂ ମନ୍ଦିର ପରିଚାଳନା କମିଟି ସହଯୋଗ କରିଥିଲେ। ଗୋବରା ଏବଂ ପାଇଲିପଡ଼ାରେ ଗାଙ୍ଗପୁର ଥାନାଧିକାରୀ ବନବିହାରୀ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପୋଲିସ୍ ବାହିନୀ ଶୃଙ୍ଖଳା ରକ୍ଷା କରିଥିଲେ।

**ବୁଗୁଡ଼ା:** ବହୁବିଧ ଅଳଙ୍କାରରେ ବିଭୂଷିତ ବିଶ୍ୱନିୟନ୍ତାଙ୍କ ସୁନାବେଶ ଦର୍ଶନ ପାଇଁ ବୁଗୁଡ଼ା ବଡ଼ଦାଣ୍ଡରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗୁଣ୍ଡିଚା ଯାତ୍ରା ଓ ବାହୁଡା ଯାତ୍ରା ପରି ଠାକୁରଙ୍କ ସୁନାବେଶ ବେଶ କାର୍ଯ୍ୟକ୍ରମ ମଧ୍ୟ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା।



# ଦିଗପହଣ୍ଡିରେ ସରିଲା ବାସି ବାହୁଡ଼ା ଯାତ୍ରା



**ଦିଗପହଣ୍ଡି,୬।୭(ସମିସ):** ଦିଗପହଣ୍ଡିରେ ରବିବାର ଶ୍ରୀଜିଉଙ୍କ ପବିତ୍ର ବାହୁଡାଯାତ୍ରା ସମ୍ପନ୍ନ ହୋଇଛି। ଶନିବାର ଅପରାହ୍ନରେ ଧାଡି ପହଣ୍ଡିରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସମେତ ଚକ୍ରରାଜ ସୁଦର୍ଶନଙ୍କୁ ରଥାରୂଢ଼ କରାଯାଇଥିଲା। ପରେ ରଥ ଉପରେ ଛେରାପହଁରା ନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ସନ୍ଧ୍ୟା ଆଳତୀ କରାଯାଇଥିଲା। ରବିବାର ପବିତ୍ର ବଡ଼ ଏକାଦଶୀ ତିଥିରେ ସକାଳୁ ଦିନତମାମ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ଉପରେ ବିଜେ ଶ୍ରୀଜିଉମାନେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ସମସ୍ତ ନୀତିକାନ୍ତି ରଥ ଉପରେ ଶେଷ ହେବାପରେ ଠିକ୍ ୪.୫୦ରେ ଶ୍ରୀମନ୍ଦିର ଆଡକୁ ରଥ ଗଡ଼ିବା ଆରମ୍ଭ କରିଥିଲା। ବଡ଼ଦାଣ୍ଡରେ ସହସ୍ରାଧିକ ଭକ୍ତଙ୍କ ରଥ ଟାଣିଥିଲେ। ରଥ ଗୁଡିଆଗଳି ନିକଟରେ ପହଞ୍ଚିବା ପରେ ରାଜ ପୁରୋହିତ ଦେବୀପ୍ରସାଦ ରଥଙ୍କ ତତ୍ତ୍ୱାବଧାନରେ ଦେବୀ ମହାଲକ୍ଷ୍ମୀ ଶ୍ରୀମନ୍ଦିରରୁ ବିମାନରେ ଆସି ଜଗନ୍ନାଥଙ୍କ ସମ୍ମୁଖରେ ବିଜେ ହୋଇଥିଲେ। ରଥ ଉପରେ ବନ୍ଦାପନା ଓ ଲକ୍ଷ୍ମୀଭେଟ ନୀତି ସମ୍ପନ୍ନ ହେବାପରେ ପୁଣି ରଥ ଟଣାଯାଇ ୬.୦୫ ମିନିଟରେ ସିଂହଦ୍ୱାର ସମ୍ମୁଖରେ ଲାଗିଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ରାଜାବେଶ ଦେଖିବାକୁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ସେହିଭଳି ସାନରଥ ଉପରେ ବିଜେ ଶ୍ରୀ ଦଧିବାମନଙ୍କ ବାହୁଡାଯାତ୍ରା ମଧ୍ୟ ଯଥାରୀତି ସମ୍ପନ୍ନ ହୋଇଥିଲା। ଦିଗପହଣ୍ଡି ପୁଲିସ ଉପସ୍ଥିତ ରହି ଶୃଙ୍ଖଳିତ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

# ସନ୍ଥ ଅରକ୍ଷୀତ ଦାସଙ୍କ ଜନ୍ମୋତ୍ସବ



**ଦିଗପହଣ୍ଡି,୬।୭(ସମିସ):** ଦିଗପହଣ୍ଡି - ଘୋଡାହାଡ ଡ୍ୟାମ ଛକରେ ସ୍ଥାପିତ ସନ୍ଥ ଅରକ୍ଷୀତ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ସନ୍ଥ ଅରକ୍ଷୀତ ଦାସଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ବଡଖେମୁଣ୍ଡି ରାଜ ପରିବାରର ସଦସ୍ୟ ସିଦ୍ଧାନ୍ତ ଗଙ୍ଗଦେବଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଐତିହାସିକ ଏବଂ ଗବେଷକ ଡ.ଅନନ୍ତରାମ କର କୌଣ୍ଡିନ୍ୟ, ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା, ଆଇନଜୀବୀ ହରପ୍ରସାଦ ରଥ, କବିସୂର୍ଯ୍ୟ ସ୍ମୃତି ପରିଷଦର ସମ୍ପାଦକ କୁରେଶୁ ପଣ୍ଡା, କବି ବୃନ୍ଦାବନ ପଣ୍ଡା, ପୂର୍ବତନ କାଉନସିଲର ନିରୂପମା ପଟ୍ଟନାୟକ, ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦର ସମ୍ପାଦକ ଆଲୋକ ବିଷୋୟୀ, ସାମ୍ବାଦିକ ଗୋପାଳ କୃଷ୍ଣ ମଲ୍ଲିକ, ରବିନ୍ଦ୍ର ନାଥ ଡାକୁଆ, ସଞ୍ଜୀବ କୁମାର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ତତ୍କାଳୀନ ବଡଖେମୁଣ୍ଡି ରାଜ୍ୟର ବିଜୟ ନଗର ଗଡରେ ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ଜନ୍ମିତ ରାଜପୁତ୍ର ସନ୍ଥ ଅରକ୍ଷୀତ ଦାସଙ୍କ ଜୀବନାଦର୍ଶ ଓ ତାଙ୍କ ରଚିତ ମହୀମଣ୍ଡଳ ଗୀତା, ଶାକ୍ୟ ସଂହିତା ଭଳି ଉପାଦେୟ ରଚନାର ଅଧିକ ପ୍ରଚାର ପ୍ରସାର କରାଯାଇ ପାରିଲେ ସମାଜରେ ଏହାର ସକାରାତ୍ମକ ପ୍ରଭାବ ପଡିବ ବୋଲି ଅତିଥି ବୃନ୍ଦ କହିଥିଲେ। ସାମାଜିକ କର୍ମୀ ନୀଳକଣ୍ଠ ପଟ୍ଟନାୟକ, ଲଲାଟେନ୍ଦୁ ପ୍ରଧାନ, ମୁନା ବିଷୋୟୀ, କିଶୋର ଜେନା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିବା ବେଳେ ଯୋଗେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ବିଜୟନଗର ଗଡ଼ ଶ୍ରୀ ଚୈତନ୍ୟ ଠାକୁର ମନ୍ଦିର ପ୍ରାଙ୍ଗଣରେ ସନ୍ଥ ଅରକ୍ଷିତ ଦାସଙ୍କ ଆବିର୍ଭାବ ଦିବସ ପାଳିତ ହୋଇ ଯାଇଛି। ଗ୍ରାମ୍ୟ କମିଟି ସଭାପତି ପ୍ରକାଶ ପାତ୍ର, ସମ୍ପାଦକ ସନ୍ତୋଷ ସେଠୀ, ମଠ ପୂଜକ ଶିବହରି ଦାସ,ସାମାଜିକ କର୍ମୀ ସନ୍ତୋଷ ସାହୁ, ଉଜ୍ଜ୍ୱଳ କୁମାର ମହାନ୍ତି, ସୀମାଞ୍ଚଳ ପଣ୍ଡା, ରଞ୍ଜିତ ସେଠୀ, ସୀମାଞ୍ଚଳ ଗୌଡ଼, କମଳ ଦାସଙ୍କ ଉପସ୍ଥିତିରେ ମହାପୁରୁଷଙ୍କ ଫଟୋରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ତାଙ୍କ ସ୍ମୃତିଚାରଣ କରାଯାଇଥିଲା।

# ପହଣ୍ଡି ବିଜେରେ ଯୋଗଦେଲେ ବିଧାୟକ

**କବିସୂର୍ଯ୍ୟନଗର,୬।୭(ସମିସ):** ସ୍ଥାନୀୟ ମାଉସୀ ମା'ମନ୍ଦିରରେ ଦୀର୍ଘ ୯ ଦିନ ବ୍ୟାପି ଚତୁର୍ଦ୍ଧାମୂର୍ତ୍ତି ପୂଜା ପାଇବା ପରେ ପବିତ୍ର ବାହୁଡ଼ାରେ ପହଣ୍ଡି ବିଜେ କରି ପୁଣି ରଥାରୁଢ଼ ହେଲେ। ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ଦୀର୍ଘ ନଅ ଦିନ ବ୍ୟାପି ଭଜନ, ରାମ ଚରିତ କଥାମୃତ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀଗୁଣ୍ଡିଚା ଭଜନ ମଣ୍ଡଳୀର ଭଜନ କଣ୍ଠଶିଳ୍ପୀ ଉଚ୍ଚକୋଟିର କଣ୍ଠଦାନ କରିଥିଲେ। କଣ୍ଠଶିଳ୍ପୀ ସନାତନ ଗୌଡ଼, ବବ୍ରୁବାହାନ ଜେନା, ଶିଶୁଗୋପାଳ ସାହୁ, ସୁବାସ ବିଶ୍ୱାଳ, ବୁଲୁ ଶାସମଲ, ବିଚିତ୍ର ବିଷୋୟୀ ପ୍ରମୁଖ କଣ୍ଠଦାନ କରିଥିଲେ। ପବିତ୍ର ବାହୁଡ଼ାରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ପହଣ୍ଡି ବିଜେରେ ଯୋଗ ଦେଇ ଠାକୁରଙ୍କ କୃପାଭିକ୍ଷା କରିଥିଲେ। ଠାକୁର ମାଉସୀ ମା' ମନ୍ଦିରରୁ ରଥସାହି ସ୍ଥିତ ରଥରେ ତିନି ଠାକୁର ବିଜେ କରିଥିଲେ। ଏହାପରେ ଶ୍ରୀବିଧାୟକ ଶ୍ରୀଜଗନ୍ନାଥ ମନ୍ଦିରରେ ପହଞ୍ଚି ମନ୍ଦିରର ସ୍ଥିତି ଅନୁଧ୍ୟାନ କରିବା ସହ ଏହାର ପୁନରୁଦ୍ଧାର ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ। ଏବଂ ଓଡ଼ିଆ ପାଇକ ସାହି ଛକରେ ଏକ ନୂତନ ଶ୍ରୀଗୁଣ୍ଡିଚା ମନ୍ଦିର ନିର୍ମାଣ ଲାଗି ପ୍ରସ୍ତାବ ଗ୍ରହଣ କରିଥିଲେ।



## ଅନୁକମ୍ପା ଭିତ୍ତିକ ନିଯୁକ୍ତି ଦାବି

# ୧୨ଜଣ ପ୍ରାର୍ଥୀଙ୍କ ପରୀକ୍ଷା ବର୍ଜନ

**କୁକୁଡାଖଣ୍ଡି,୬।୭(ସମିସ):** ବ୍ରହ୍ମପୁର ପୁଲିସ ଜିଲ୍ଲା ପକ୍ଷରୁ ରବିବାର୧୦୫ ଜଣ ଗୃହରକ୍ଷୀ ନିଯୁକ୍ତି ନିମନ୍ତେ ପରୀକ୍ଷା ହୋଇଯାଇଛି। କିନ୍ତୁ ଏହି ପରୀକ୍ଷାକୁ ୧୨ଜଣ ପରୀକ୍ଷାର୍ଥୀ ବର୍ଜନ କରିଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୂର୍ବରୁ ସେମାନେ ୮ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଦୈନିକ ୩୦ଟଙ୍କା, ପରବର୍ତ୍ତୀ ସମୟରେ ଦୈନିକ ୪୦ଟଙ୍କାରେ କାର୍ଯ୍ୟ କରୁଥିଲେ। ରାଜ୍ୟ ସରକାର ଯେତେବେଳେ ମଜୁରୀ ୫୦ଟଙ୍କାକୁ ବୃଦ୍ଧି କରିଥିଲେ, ସେତେବେଳେ ବାରମ୍ବାର ଆସିଲେ ମଧ୍ୟ ଡ୍ୟୁଟି ମିଳିନଥିଲା। ପରବର୍ତ୍ତୀ ସମୟରେ ଆସିବାରୁ ଠିକ୍ ସମୟରେ ଆସୁନଥିବା ଦର୍ଶାଇ ଆଉ ତୁମକୁ କାର୍ଯ୍ୟରେ ରଖାଯିବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ଏହାକୁ ପ୍ରତିବାଦ କରି ଉକ୍ତ ୧୨ଜଣ କର୍ମଚାରୀ ବିଭିନ୍ନ ମହଲରେ ଅଭିଯୋଗ କରିଥିଲେ। ଏପରିକି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରୋକଷ୍ଠରେ ମଧ୍ୟ ଅଭିଯୋଗ କରିଛନ୍ତି। ଆଲୋଚନାରେ ମୁଖ୍ୟମନ୍ତ୍ରୀ ଅନୁକମ୍ପା ଭିତ୍ତିକ ନିଯୁକ୍ତିକୁ କାର୍ଯ୍ୟକାରୀ କରିବା ନିମନ୍ତେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ନେଇ ସୂଚନା ଦେଇଛନ୍ତି। ଏହାକୁ ଭିତ୍ତି କରି ରବିବାର ଦିନ ହୋଇଥିବା ପରୀକ୍ଷାକୁ ମଧ୍ୟ ବର୍ଜନ କରିଛନ୍ତି ଉକ୍ତ ୧୨ଜଣ ପରୀକ୍ଷାର୍ଥୀ। ଏହି ସାମ୍ବାଦିକ ସମ୍ମିଳନୀରେ ମୋହନ ଦାସ, ବିଜୟ ମହାପାତ୍ର, ରାଜେନ୍ଦ୍ର କୁମାର ଡାକୁଆ, ଅନନ୍ତ ଦାସ, ବିଜୟ କୁମାର ବେହେରା, କୃଷ୍ଣ ଦାସ, ସନାତନ ନାୟକ, ଝଡିଆ ଦାସ, ମୁରଲୀ ଦାସ , ମୃତ୍ୟୁଞ୍ଜୟ ସ୍‍"ାଇଁ, ସରସ୍ୱତୀ ସାହୁ ପ୍ରମୁଖ ଉପସ୍ଥିତି ରହି ଅନୁକମ୍ପା ଭିତ୍ତିକ ନିଯୁକ୍ତି ପ୍ରଦାନ ନମନ୍ତେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।



# ବାହୁଡ଼ାରେ ସ୍ୱେଚ୍ଛାସେବୀଙ୍କ ସେବା ପ୍ରଦାନ

**ଛତ୍ରପୁର,୬।୭(ସମିସ):** ପୁରୀ ରଥଯାତ୍ରାରେ ଚଳିତବର୍ଷ ପ୍ରଶଂସନୀୟ କାର୍ଯ୍ୟ କରିଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ପ୍ରତିନିଧିର ସଦସ୍ୟମାନେ ବିଶିଷ୍ଟ ସମାଜସେବୀ ନୀଳମଣି ମିଶ୍ର ଓ ଛତ୍ରପୁରରେ ପଦସ୍ଥ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ବାହୁଡ଼ା ଯାତ୍ରା ସମୟରେ ଉଲ୍ଲେଖଯୋଗ୍ୟ ସେବା କାର୍ଯ୍ୟ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଉଲ୍ଲେଖନୀୟ କାର୍ଯ୍ୟ ମଧ୍ୟରେ ଗୁରୁତର ଆହତ ବ୍ୟକ୍ତିଙ୍କୁ ଭିଡ଼ ଭିତରୁ ତୁରନ୍ତ ଆଶୁ ଚିକିତ୍ସା ପାଇଁ ହସ୍ପିଟାଲରେ ପହଞ୍ଚାଇବା, ବଡ଼ଦାଣ୍ଡ ପରିଷ୍କାର କରିବା ତଥା ପୁରୀ ଲୋକନାଥ ରୋଡ଼ରେ ସ୍ଥିତ ନିଗମାନନ୍ଦ ଆଶ୍ରମର ମିଳିତ ସହଯୋଗରେ ଅଗଣିତ ଭକ୍ତମାନଙ୍କୁ ଅନ୍ନ ପ୍ରସାଦ ବାଣ୍ଟିବା ଅନ୍ୟତମ ଥିଲା। ସଂଗ୍ରାମ ପ୍ରଧାନ, ହଟ କିଶୋର ଦେହୁରୀ, ସଞ୍ଜୟ ଦାସ, ହିମାଂଶୁ ଗୋଛାୟତ, ଚନ୍ଦ୍ରମଣି ଦେହୁରୀ, ସୂର୍ଯ୍ୟମଣି ପ୍ରଧାନ ପ୍ରମୁଖ ଏହି ସବୁ କାର୍ଯ୍ୟରେ ସହଯୋଗ କରିଥିଲେ।



# ଏପିପିଙ୍କୁ ପଦୋନ୍ନତିକାଳୀନ ସମ୍ବର୍ଦ୍ଧନା



**ଶେରଗଡ଼,୬।୭(ସମିସ):** ଶେରଗଡ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ କାର୍ଯ୍ୟରତ କ୍ୟାଡର ଏପିପି ସରୋଜ କୁମାର ମଲ୍ଲିକଙ୍କ ପଦୋନ୍ନତି ହୋଇ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଅତିରିକ୍ତ ପିପି ଭାବେ କାର୍ଯ୍ୟଭାର ତୁଲାଇବେ। ଏହି ପରିପ୍ରେକ୍ଷୀରେ ଶେରଗଡ ଓକିଲ ସଂଘ ପକ୍ଷରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜେଏମଏଫସି କୋର୍ଟର ବିଚାରପତି ଶ୍ରୀକାନ୍ତ ପାଢୀ ଯୋଗ ଦେଇ କହିଥିଲେ, ଅତିରିକ୍ତ ପିପି ସରୋଜ କୁମାର ମଲ୍ଲିକଙ୍କ ରାଜ୍ୟ ସରକାରଙ୍କ ତରଫରୁ ମାମଲା ପରିଚାଳନା ଦିଗରେ ଦକ୍ଷତା, କୋର୍ଟ କାର୍ଯ୍ୟ ପରିଚାଳନା ଦିଗରେ ସହଯୋଗ ଏବଂ ଏହା ତାଙ୍କ କ୍ୟାରିୟରର ପ୍ରଥମ କୋର୍ଟ ହୋଇଥିବାରୁ ସେ ଏଠାରୁ ବହୁତ କିଛି ଶିଖିପାରିଥିବା କହିଛନ୍ତି। ଶ୍ରୀ ମଲ୍ଲିକ ୨୦୧୮ ରୁ ଶେରଗଡ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ସମୟ ମଧ୍ୟରେ ସାଧାରଣ ଜନତା ଏବଂ ପୁଲିସ ବିଭାଗ ପ୍ରତି ତାଙ୍କର ବିଶେଷ ଅବଦାନ ଥିଲା ବୋଲି ଏପିପି ସମୀର ପ୍ରଧାନ, ଆଇନଜୀବୀ ରଘୁନାଥ ପଶୁପାଳକ, ଧୀରେନ୍ଦ୍ର ସାମଲ, ରାଧାକୃଷ୍ଣ ଡାକୁଆ, ରୁଦ୍ର ପ୍ରସାଦ ମହାପାତ୍ର, ମନୋଜ ବେହେରା, ପଦ୍ମ ଚରଣ ସେଠି, ରାମଚନ୍ଦ୍ର ଜେନା, ଥୋମାସ ସାହୁଙ୍କ ସହିତ ଅନ୍ୟ ଆଇନଜୀବୀ ମାନେ ପ୍ରକାଶ କରିଛନ୍ତି।

# ପୁଲିସ ପଞ୍ଝାରେ ୪ ଜୁଆଡ଼ି; ବାଇକ୍, ମୋବାଇଲ ଜବତ

**ରଙ୍ଗେଇଲୁଣ୍ଡା,୬।୭(ସମିସ):** ଗୋଳନ୍ଥରା ଥାନା ଗୋବିନ୍ଦ ନଗର ଗ୍ରାମରେ ଚାଲିଥିବା ଏକ ଜୁଆଆଡାରେ ପୁଲିସ ଚଢ଼ଉ କରି ୪ ଜୁଆଡ଼ିଙ୍କୁ ଗିରଫ କରିଛି। ଆଉକିଛି ଜୁଆଡ଼ି ଖସି ପଳାଇବାରେ ସକ୍ଷମ ହୋଇଥିଲା। ଘଟଣାସ୍ଥଳରୁ ତାସ୍, ପାଞ୍ଚଟି ମୋବାଇଲ ଓ ୫ଟି ବାଇକ ପୁଲିସ ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଥାନା ଅଧିନସ୍ଥ ଗୋବିନ୍ଦନଗର ଗ୍ରାମର ଶେଷ ଭାଗରେ ଗତ କିଛିଦିନ ହେଲା ଜୁଆ ଖେଳ ଚାଲିଥିଲା। ଖବର ପାଇ ଗୋଳନ୍ଥରା ପୁଲିସ ସନ୍ଧ୍ୟାରେ ଚଢ଼ଉ କର ୪ ଜଣକୁ କାବୁ କରିଥିଲା। ସେମାନଙ୍କ ଠାରୁ ୩ ହଜାର ୬ ଶହ ଟଙ୍କା ଓ ଖେଳ ସାମଗ୍ରୀ ପୁଲିସ ଜବତ କରିଥିବା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାଥାଉ କି ଗତ ୩ ତାରିଖ ଗୋଳନ୍ଥରା ଥାନା ପୁଲିସ ଗିରିସୋଲା ଗ୍ରାମରେ ଚଢ଼ଉ କରି ୫ ଜୁଆଡ଼ିଙ୍କୁ କାବୁ କରି ବାଇକ, ମୋବାଇଲ ଜବତ କରିଥିଲା। ଚଢ଼ଉ ପୂର୍ବରୁ ସୂଚନା ପାଇ ଜୁଆଡ଼ି ଖସି ପଳାଇବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ମିଳୁନି ସରକାରୀ ଧାନ ବିହନ

# ବ୍ଲକ୍ କାର୍ଯ୍ୟାଳୟକୁ ଧାଇଁ ଚାଷୀ ନୟାନ୍ତ

**ହୁମ୍ମା/ଗଞ୍ଜାମ,୬।୭(ସମିସ)**

ଖରିଫ ଋତୁ ଆରମ୍ଭ ହୋଇଯାଇଛି। ଏବେ ଧାନ ବୁଣା ସମୟ। କିନ୍ତୁ ଗଞ୍ଜାମ ବ୍ଲକରେ ସରକାରୀ ଧାନ ବିହନ ମିଳୁନଥିବା ଅଭିଯୋଗ ହୋଇଛି। ବ୍ଲକର ୧୫ଟି ପାଞ୍ଚାୟତ ଧାନ ଚାଷୀ ମୁଣ୍ଡରେ ଏବେ ହାତ ଦେଇ ବସିଛନ୍ତି। ଖାଁ ଖାଁ ଲାଗୁଛି ଧାନ ବିଲ। ଗତବର୍ଷ ନିଅାଣ୍ଟିଆ ବର୍ଷା ଯୋଗୁଁ ଧାନ ଚାଷୀ ବ୍ୟାପକ କ୍ଷତି ସହିଛନ୍ତି। ଚଳିତ ବର୍ଷ ଲଘୁଚାପ ଯୋଗୁଁ ବ୍ୟାପକ ବର୍ଷା ହେବା ଫଳରେ ଧାନ ଚାଷୀକୂଳ ମହଲରେ ଉତ୍ସାହ ଖେଳି ଯାଇଛି। ହେଲେ ଠିକଣା ସମୟରେ ବିହନ ନମିଳିବାରୁ ଧାନ ଚାଷ ପାଇଁ ଚାଷୀ ବ୍ଲକ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇ ଫେରୁଛନ୍ତି। ବଜାରରେ ମିଳୁଥିବା ବିହନ ଚଢ଼ା ଦରରେ ବିକ୍ରି ହେଉଥିବା ବେଳେ ନିମ୍ନମାନର ବିହନ ଯୋଗୁଁ ଧାନ ଗଜା ଭଲ ଭାବରେ ହେଉନାହିଁ। ତେଣୁ ସରକାରୀ ଧାନ ବିହନରେ ଉତ୍ତମ ଫସଲ ହେଉଥିବାରୁ ସରକାରୀ ଧାନ ବିହନ କେବେ ଆସିବ ଅପେକ୍ଷାରେ ଅଛନ୍ତି ବ୍ଲକର ହଜାର ହଜାର ଚାଷୀ। କୃଷିବିଭାଗ ଚାଷୀଙ୍କୁ ପୁରା ଦାମରେ ବିହନ ନିଗମରୁ ଡିଲରଙ୍କ ମାଧ୍ୟମରେ ବିହନ କିଣିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସବ୍‌ସିଡି ଅର୍ଥ ଯୋଗାଇ ଦିଆଯାଉଛି। କିନ୍ତୁ ସବସିଡ଼ି ମିଳୁନଥିବା ନେଇ ଚାଷୀ ଅଭିଯୋଗ କରିଛନ୍ତି।

ବ୍ଲକର ବହୁ ଗରିବ ଓ ଭାଗଚାଷୀଙ୍କ ମୋବାଇଲ ନ ଥିବା କିମ୍ବା ଓଟିପି ସମ୍ବନ୍ଧୀୟ ଜ୍ଞାନ ନ ଥିବାରୁ ଚାଷୀମାନେ ହଇରାଣ ହରକତ ହେଉଛନ୍ତି। ଉପଯୁକ୍ତ ସମୟରେ ଚାଷୀଙ୍କୁ ସବସିଡି ମାଧ୍ୟମରେ ବିହନ, ସାର, କୀଟନାଶକ, କୃଷି ଯନ୍ତ୍ରପାତି ଯୋଗାଇ ଦେବାକୁ ଗଞ୍ଜାମ ବ୍ଲକର ସାନରାମଚନ୍ଦ୍ରପୁର ,ରାମଗଡ଼, ସୁବଳୟା, ହୁମ୍ମା, ମଲାଟ ପଞ୍ଚାୟତର ଚାଷୀ ଦାବି କରିଛନ୍ତି।



# ଶ୍ରୀଜୀଉଙ୍କ ସୁନାବେଶ






ବ୍ରହ୍ମପୁର,୬।୭(ସମିସ): ଚର୍ତୁର୍ଦ୍ଧାବିଗ୍ରହ ଶନିବାର ସ୍ୱମନ୍ଦିରକୁ ବାହୁଡ଼ିଥିବା ବେଳେ ରବିବାର ସହରର ସମସ୍ତ ଜଗନ୍ନାଥ ମନ୍ଦିରରେ ସୁନାବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପବିତ୍ର ବଡ଼ଏକାଦଶୀ ଅବସରରେ ସହରର ବିଭିନ୍ନ ଜଗନ୍ନାଥ ମନ୍ଦିର ନିକଟରେ ରଥ ଉପରେ ତିନିଦିଅଁଙ୍କୁ ଦର୍ଶନ ପାଇଁ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ସମସ୍ତ ମନ୍ଦିରର ଶ୍ରୀଜୀଉଙ୍କୁ ବିଭିନ୍ନ ପ୍ରକାର ଅଳଙ୍କାର ଲାଗି ହୋଇଥିଲା। ପରେ ଶ୍ରଦ୍ଧାଳୁମାନେ ସୁନାବେଶ ଦର୍ଶନ କରିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହାତକୁ ନିଆଯାଇଥିଲା। ଗୋଷାଣୀନୂଆଗାଁ ଜଗନ୍ନାଥ ମନ୍ଦିର, କୋର୍ଟପେଟାସ୍ଥିତ ଜଗନ୍ନାଥମନ୍ଦିର, ବିଜିପୁର, ଉତ୍କଳଆଶ୍ରମ ରୋଡ, ଗୋଇଲୁଣ୍ଡି, ବଡ଼ବଜାର, ପାତାଳେଶ୍ୱରମନ୍ଦିର ଛକ, ଆଗାସାହି ଛକ, ଲାଞ୍ଜିପଲ୍ଲୀ, ଖୋଡାସିଙ୍ଗି, ଆମ୍ବପୁଆ ଆଦି ବିଭିନ୍ନ ସ୍ଥାନରେ ସୁନାବେଶ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଦୁଇ ବର୍ଷ ହେବ ଜଳ ସଂକଟରେ ଗଞ୍ଜାମ

# ବର୍ଷା ଛେଚୁଛି; ତଥାପି ଜଳଭଣ୍ଡାର ସ୍ଥିତି ଉଦ୍‌ବେଗଜନକ

ବ୍ରହ୍ମପୁର,୬।୭(ସମିସ)

ଓଡ଼ିଶାକୁ ମୌସୁମୀ ଆଗୁଆ ଆସିସାରିଛି। ରାଜ୍ୟ ତମାମ ବିଭିନ୍ନ ସମୟରେ ବର୍ଷା ଜାରି ରହିଛି। ତଦନୁରୂପରେ ଗଞ୍ଜାମ ଜିଲ୍ଲାରେ ବି ବର୍ଷା ହେଉଛି। କିନ୍ତୁ ପ୍ରକୃତ ରେଞ୍ଜରେ ବର୍ଷା ହେଉନଥିବା ଯୋଗୁଁ ଗଞ୍ଜାମ ଜିଲ୍ଲାର ସମସ୍ତ ଜଳଭଣ୍ଡାର ଉଦବେଗଜନକ ସ୍ଥିତିରେ ରହିଥିବା ଜଣାପଡ଼ିଛି। ଏଥିପାଇଁ ଦୁଇବର୍ଷ ହେବ ଏହି ଜିଲ୍ଲା ଜଳସଂକଟ ଦେଇ ଗତି କରୁଛି। ଚାଷୀମାନେ ବର୍ଷା ପାଣିକୁ ବ୍ୟବହାର କରି ଚାଷ କରୁଥିବା ବେଳେ ଆଉ କିଛି ସ୍ଥାନରେ ଜଳଭଣ୍ଡାର ଖାଲି କରାଯାଇ ଚାଷୀଙ୍କୁ ପାଣି ଯୋଗାଇ ଦିଆଯାଉଛି। ଫଳରେ ଏଠାରେ ଜଳସ୍ତର କମିବା ସହ ଭୂତଳ ଜଳ ମଧ୍ୟ କମି ଆସୁଥିବା ଲକ୍ଷ୍ୟ କରାଯାଇଛି। ସମ୍ପ୍ରତି ଖରିଫ ଚାଷ ଲାଗି ଚାଷ କାର୍ଯ୍ୟ ଅନୁକୂଳ ହୋଇଛି। ଆଉ କିଛିଦିନ ପରେ ଧାନ ରୁଆ ଆରମ୍ଭ ହେବ। ହେଲେ ଗଞ୍ଜାମର ଜଳଭଣ୍ଡାର ଗୁଡ଼ିକର ସ୍ଥିତି ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି।

ସୂଚନାପ୍ରକାରେ ଭଞ୍ଜନଗର ଜଳଭଣ୍ଡାରରେ ୨୦୨୪ମସିହା ଜୁଲାଇ ମାସରେ ୩୧.୪୪ପ୍ରତିଶତ ପାଣି ରହିଥିବା ବେଳେ ବର୍ତ୍ତମାନ ୨୯.୩୩ ପ୍ରତିଶତ ପାଣି ରହିଛି। ସେହିଭଳି ସୋରଡ଼ାରେ ଗତବର୍ଷ ଜୁଲାଇରେ ୧୬.୭୭ପ୍ରତିଶତ ପାଣି ଥିଲା। ଏବେ ତାହା ୨୭.୭୮ପ୍ରତିଶତ ହୋଇଛି। ସେହିଭଳି ଡ଼ହ ଜଳଭଣ୍ଡାରରେ ଗତବର୍ଷ ଜୁଲାଇ ମାସରେ ୨୨.୯୨ ପ୍ରତିଶତ ପାଣି ଥିବାବେଳେ ସମ୍ପ୍ରତି ଏଠାରେ ୨୫.୧୦ପ୍ରତିଶତ ଜଳ ରହିଛି। ବାଘୁଆ ଜଳଭଣ୍ଡାରରେ ଗତବର୍ଷ ଜୁଲାଇରେ ୧୩.୦୩ପ୍ରତିଶତ ଥିଲା ବେଳେ ଏବେ ୧୨.୭୦ପ୍ରତିଶତ ପାଣି ଅଛି। ଧନେଇ ଜଳଭଣ୍ଡାରରେ ଗତ ଜୁଲାଇରେ ୨୩.୯୫ପ୍ରତିଶତ ପାଣି ଥିଲା ବେଳେ ଏବେ ତାହା ବୃଦ୍ଧି ଘଟି ୮୪.୯୩ପ୍ରତିଶତ ହୋଇଛି। ଅନୁରୂପ ଭାବେ ଘୋଡ଼ାହାଡ଼ ଜଳଭଣ୍ଡାରରେ ଗତ ଜୁଲାଇରେ ୩.୪୯ପ୍ରତିଶତ ପାଣି ରହିଥିଲା। ଏବେ

**ରେଞ୍ଜରେ ବର୍ଷା ନାହିଁ, ପାଣି ପୁରିବାରେ ସମସ୍ୟା**

କିଞ୍ଚିତ ମାତ୍ରାରେ ବୃଦ୍ଧି ଘଟି ୧୨.୬୬ପ୍ରତିଶତ ହୋଇଛି। ବାଘଲଟି ଜଳଭଣ୍ଡାରରେ ଗତବର୍ଷ ଏହି ମାସରେ ୪.୫୩ପ୍ରତିଶତ ରହିଥିବା ବେଳେ ସମ୍ପ୍ରତି ତାହା ୨୯.୧୬ପ୍ରତିଶତ ହୋଇଛି। ମୋଟାମୋଟି ଭାବେ କହିବାକୁ ଗଲେ ଧନେଇ ବ୍ୟତୀୟ ଅନ୍ୟ ସମସ୍ତ ଜଳଭଣ୍ଡାରରେ ପାଣି ସଂରକ୍ଷଣ ସମ୍ପୂର୍ଣ୍ଣ ଭାବେ ତଳମୂହାଁ ରହିଛି। ଆଗାମୀ ଦିନରେ ଯଦି ଜମିକୁ ଜଳ ଆବଶ୍ୟକ ହୁଏ, ତେବେ ସମସ୍ତ ଜଳଭଣ୍ଡାର ଖାଲି ହୋଇଯିବା ସ୍ଥିତିକୁ ଏଡ଼ାଇ ଦିଆଯାଇନପାରେ। ପ୍ରକୃତ ରେଞ୍ଜରେ ବର୍ଷା ନ ହେଲେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଭୂତଳ ଜଳ ମଧ୍ୟ କମିବା ଆଶଙ୍କା ବୃଦ୍ଧି ଘଟିବ। ଏଣୁ ସରକାର ଏଥିଲାଗି ଆଗୁଆ ପଦକ୍ଷେପ ନେବାକୁ ଦାବି ହୋଇଛି। ଜଳଭଣ୍ଡାରରେ ପାଣିପୂର୍ଣ୍ଣ ଲାଗି ସହଯୋଗ କରୁଥିବା ନଦୀ, ନାଳର ସୁରକ୍ଷା କରିବା ଜରୁରୀ ବୋଲି ବିଭିନ୍ନ ଚାଷୀ ସଂଗଠନମାନେ କହିଛନ୍ତି। ଅନ୍ୟପକ୍ଷରେ ଶନିବାର ଗଞ୍ଜାମ ଜିଲ୍ଲାରେ ଛତ୍ରପୁର ବ୍ଲକରେ ୧୮.୮ ମିଲି ମିଟର ବର୍ଷା ହୋଇଥିବା ବେଳେ ଗଞ୍ଜାମ ବ୍ଲକରେ ୪୨.୪ମିମି, ପୁରୁଷୋତ୍ତପୁର ବ୍ଲକରେ ୧୩.୫ମିମି, କବିସୂର୍ଯ୍ୟନଗର ବ୍ଲକରେ ୨୩ମିମି, ପୋଲସରା ବ୍ଲକରେ ୫.୬ମିମି, କୋଦଳା ବ୍ଲକରେ ୮ମିମି, ଖଲ୍ଲିକୋଟ ବ୍ଲକରେ ୧୪ମିମି, ହିଞ୍ଜିଳିରେ ୨୩ ମିମି, ରଙ୍ଗେଇଲୁଣ୍ଡାରେ ୧୧ମିମି, କୁକୁଡ଼ାଖଣ୍ଡିରେ ୧୪ ମିମି, ଚିକିଟିରେ ୯.୨ମିମି, ପାତ୍ରପୁରରେ ୧୧.୪ମିମି, ସାନଖେମୁଣ୍ଡିରେ ୧୩ ମିମି, ଦିଗପହଣ୍ଡିରେ ୧୦.୫ମିମି, ଭଞ୍ଜନଗରରେ ୪ମିମି, ବେଲଗୁଣ୍ଠାରେ ୦.୬ମିମି, ଜଗନ୍ନାଥପ୍ରସାଦରେ ୧.୮ମିମି, ବୁଗୁଡ଼ାରେ ୯ମିମି, ଆସିକାରେ ୧୩.୨ମିମି, ଧରାକୋଟରେ ୧୧ମିମି, ଶେରଗଡ଼ରେ ୨୦.୨ମିମି, ସୋରଡ଼ାରେ ୧୧ ମିମି, ଗୋପାଳପୁର ଏନଏସିରେ ୫ମିମି, ବ୍ରହ୍ମପୁର ସହରର ଗାନ୍ଧୀନଗର ପଏଣ୍ଟରେ ୧୧,୧ମିମି ଓ ବ୍ରଜରାଜନଗରରେ ୧୧ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି। ଏହି ଜଳ ଚାଷୀଙ୍କୁ ବିଶେଷ ମାତ୍ରାରେ ସହଯୋଗରେ ଆସିବ। କିନ୍ତୁ ଜିଲ୍ଲାରେ ଥିବା ଜଳଭଣ୍ଡାର ପରିପୂର୍ଣ୍ଣ ହେଲେ ଚାଷୀ କୁଳ ହସି ଉଠିବ ବୋଲି ଚାଷୀନେତା ମତବ୍ୟକ୍ତ କରିଛନ୍ତି।

# ୩୪୨୮ ଆଶାୟୀ ଦେଲେ ଗୃହରକ୍ଷୀ ପରୀକ୍ଷା



ବ୍ରହ୍ମପୁର,୬।୭(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାର ୧୨ଟି ପୁଲିସ ଥାନା ଗୁଡିକରେ ସାଧାରଣ ଡ୍ୟୁଟି ସହ ରୋଷେୟା, କମ୍ପ୍ୟୁଟର ଅପରେଟର, ଗାଡି ଚାଳକ, ଝାଡୁଦାର, ଇଲେକ୍ଟ୍ରି ମେକାନିକ ଭଳି ମୋଟି ୧୦୫ଟି ପଦ ଖାଲି ରହିଛି। ମୋଟ ପଦବୀ ମଧ୍ୟରୁ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ୧୬ଟି ପଦ ଖାଲି ପଡିଛି। ଏହି ୧୦୫ଟି ପଦ ନିଯୁକ୍ତି ପାଇବା ପାଇଁ ସମୁଦାୟ ୪୦୯୭ଜଣ ଆବେଦନ କରିଥିଲେ।

**● ୬୬୯ ଅନୁପସ୍ଥିତ**
**● ବିଭିନ୍ନ କେନ୍ଦ୍ର ବୁଲିଲେ ଏସ୍‌ପି**

ସେଥିମଧ୍ୟରୁ ରବିବାର ବ୍ରହ୍ମପୁର ଟାଟା ବେଞ୍ଚ ଛକ ସ୍ଥିତ କେସି ପବ୍ଲିକ ସ୍କୁଲ, ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରାଇଝୋଳ ଟିଆର ପବ୍ଲିକ ସ୍କୁଲ, ଚିକିଟି କଲେଜ, ଗୋଳନ୍ଥରା ସ୍ଥିତ ନିଷ୍ଟ କଲେଜ, ଆମ୍ବପୁଆ ସିଟି କଲେଜ ଓ ଦିଗପହଣ୍ଡି ଖେମୁଣ୍ଡି କଲେଜ ଆଦି ୮ଟି ପରୀକ୍ଷା କେନ୍ଦ୍ରରେ ମୋଟ ୩୪୨୮ଜଣ ଆଶାୟୀ ପରୀକ୍ଷା ଦେଇଥିବା ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ଏଥିହସିତ ୬୬୯ଜଣ ପରୀକ୍ଷା ବେଳେ ଅନୁପସ୍ଥିତ ରହିଥିଲେ। ବର୍ତ୍ତମାନ ଲିଖିତ ପରୀକ୍ଷା ଶେଷ ହୋଇଛି। ଯେଉଁମାନେ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି ସେମାନେ ଶାରୀରିକ ଦକ୍ଷତା ପରୀକ୍ଷା, ମୌଖିକ ପରୀକ୍ଷା ଓ ବୈଷୟିକ ଦକ୍ଷତା ପରୀକ୍ଷା ଦେଇ ପାରିବେ ବୋଲି କୁହାଯାଇଛି। ଗୃହରକ୍ଷୀ ନିଯୁକ୍ତି ପରୀକ୍ଷାର ସୁପରିଚାଳନା ନିମନ୍ତେ ଜିଲ୍ଲା ପୁଲିସ ମୁଖ୍ୟାଳୟ ପକ୍ଷରୁ ମୋଟ ୭ଟି କମିଟି ଗଠନ କରାଯାଇଛି। ଆଜି ପରୀକ୍ଷା ସମୟରେ ଏସପି ପରୀକ୍ଷା କେନ୍ଦ୍ର ଗୁଡ଼ିକ ବୁଲି ତଦାରଖ କରିଥିଲେ।

## ● ମାତିଲେ ସାଇବର୍ ଠକ

# ବକେୟା ବିଦ୍ୟୁତ୍ ବିଲ୍ ପୈଠ ଆଳରେ ଠକିନେଲେ ୨.୯୯ ଲକ୍ଷ

ବ୍ରହ୍ମପୁର,୬।୭(ସମିସ): ସାଇବର ଠକମାନେ ଜଣେ ବ୍ୟକ୍ତିଙ୍କୁ ବକେୟା ବିଦ୍ୟୁତ୍ ବିଲ୍ ପୈଠ କରିବା ପାଇଁ ଲିଙ୍କ୍ ପଠାଇ ଠକି ନେଲେ ୩ଲକ୍ଷ ଟଙ୍କା। ଏନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ ପରେ ଘଟଣା ସାମ୍ନାକୁ ଆସିଛି।

ସୂଚନାଯୋଗ୍ୟ ଯେ, ହରିଡ଼ାଖଣ୍ଡି କାଠମେଣ୍ଟୁ ଛକ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଦୁଇ ମାସର ବିଦ୍ୟୁତ୍ ବିଲ ବକେୟା ରହିଥିଲା। କିଛିଦିନ ପୂର୍ବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବିଦ୍ୟୁତ୍ ଉପଭୋକ୍ତା କେନ୍ଦ୍ରର କର୍ମଚାରୀ ପରିଚୟରେ ଏକ ଫୋନ୍ କଲ୍ ଆସିଥିଲା। ଦୁଇମାସର ବକେୟା ପୈଠ ନ କଲେ ବିଦ୍ୟୁତ୍ କଟାଯିବ ବୋଲି ସେ କହିଥିଲେ। ଏକ ଲିଙ୍କ୍ ପଠାଇବା ସହ ସେଥିରେ ବିଲ ପୈଠ କରିବାକୁ କହିଥିଲେ। ବ୍ୟକ୍ତି ଜଣଙ୍କ ଲିଙ୍କକୁ ଖୋଲି ବିଭିନ୍ନ ତଥ୍ୟ ଦେବା ପରେ ତାଙ୍କ ଆକାଉଣ୍ଟରୁ ୨ଲକ୍ଷ ୯୯ହଜାର କଟିଥିଲା। ଏହାପରେ ଆସିଥିବା ଫୋନ୍ ନମ୍ବରକୁ ପୁଣି ବ୍ୟକ୍ତି ଜଣଙ୍କ ଯୋଗାଯୋଗ କରିଥିଲେ। ତେବେ ଉପଭୋକ୍ତା କେନ୍ଦ୍ରର କର୍ମଚାରୀ କହୁଥିବା ବ୍ୟକ୍ତି ଫୋନ୍ ଉଠାଇଲେ ନାହିଁ। ଏହାପରେ ଠକେଇର ଶିକାର ହୋଇଥିବା ଜାଣି ବ୍ୟକ୍ତି ଜଣଙ୍କ ସାଇବର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଯୁବକଙ୍କ ମୋବାଇଲ ଲୁଟ୍

ବ୍ରହ୍ମପୁର,୬।୭(ସମିସ): ସ୍ଥାନୀୟ ଗେଟବଜାର ନିକଟସ୍ଥ ଫୁଲ ଦୋକାନ ନିକଟରୁ ଜଣେ ଯୁବକଙ୍କ ମୋବାଇଲ ଲୁଟ୍ ହୋଇଛି। ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ହାତିବନ୍ଧ ସାହି ନିବାସୀ ରାମନାଥ ପଣ୍ଡା ନାମକ ଜଣେ ଯୁବକ ସ୍ଥାନୀୟ ଗେଟ ବଜାର ନିକଟସ୍ଥ ଫୁଲ ଦୋକାନ ନିକଟରେ ଛିଡ଼ା ହୋଇଥିବା ବେଳେ ୨ରୁ ୩ଜଣ ଦୁର୍ବୃତ୍ତ ହଠାତ ତାଙ୍କ ନିକଟରେ ପହଞ୍ଚି ସେ ଧରିଥିବା ମୋବାଇଲକୁ ଝାମ୍ପିନେଇ ଚମ୍ପଟ ମାରିଥଲେ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣା ତଦନ୍ତ କରୁଛି।

# ତ୍ରିଧାରା ସାହିତ୍ୟ ସଂସଦର ଆଲୋଚନାଚକ୍ର



ବ୍ରହ୍ମପୁର,୬।୭(ସମିସ): ସ୍ଥାନୀୟ ଉତ୍କଳ ଆଶ୍ରମ ନ୍ୟାସର ସମ୍ମିଳନୀ କକ୍ଷରେ ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ମାସିକ ଆଲୋଚନା ଚକ୍ର, ଅଣୁଗଳ୍ପ ଓ କବିତା ପାଠ ଅନୁଷ୍ଠିତ ହୋଇଛି।

ଏଥିରେ ଋଷିକୁଲ୍ୟା ଗବେଷକ ଭେଙ୍କଟ ବିହାରୀ ପ୍ରହରାଜ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସମ୍ପାଦକ ଡ. ଲକ୍ଷ୍ମୀ ନାରାୟଣ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବାର୍ଷିକ ଉତ୍ସବ ପାଳିତ ସମ୍ପର୍କରେ ସୂଚନା ଦେଇଥିଲେ। ଆଲୋଚନା ପ୍ରସଙ୍ଗ "ସାନଖେମୁଣ୍ଡି ଅଞ୍ଚଳର ସାରସ୍ୱତ ସାଧକ'ସମ୍ପର୍କରେ ଡ. ସୁରେନ୍ଦ୍ର ନାଥ ପାଣିଗ୍ରାହି ଆଲୋଚନା କରିଥିଲେ। ସୌଦାମିନୀ ମିଶ୍ର କବିତା ସଂଯୋଜନା କରିଥିବା ବେଳେ ଡ. ଅଶୋକ କୁମାର ପଣ୍ଡା ସମୀକ୍ଷା କରିଥିଲେ। ମନୋଜ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ତ୍ରିଲୋଚନ ଦାଶ, ଗଣେଶ ମହାପାତ୍ର ଓ ବଂଶୀଧର ସେଠୀ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ■ ଅଗ୍ନିଶମ ବିଭାଗର ନୂଆ ଅତିଥି

# ନିଖୋଜଙ୍କୁ ଖୋଜିବ ସନ୍ଧାନୀ କୁକୁର ସୁଲ୍‌ତାନ




ବ୍ରହ୍ମପୁର,୬।୭(ସମିସ): ବିଭିନ୍ନ ଦୁର୍ଘଟଣା ଓ ଆକସ୍ମିକ ଦୁର୍ଘଟଣାରେ ନିଖୋଜଙ୍କୁ ଉଦ୍ଧାର ନିମନ୍ତେ ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରଥମଥର ନିମନ୍ତେ ସନ୍ଧାନୀ କୁକୁରର ବ୍ୟବହାର କରାଯିବ। ଏହିକ୍ରମରେ ବ୍ରହ୍ମପୁର ଉପଖଣ୍ଡ କୁକୁଡ଼ାଖଣ୍ଡିରେ ଥିବା ଅଗ୍ନିଶମ କେନ୍ଦ୍ରରେ ଡ଼ଗ୍ କେନାଲ ସ୍ଥାପନା କରାଯାଇଛି। ଏଥିରେ ଗତ ମେ' ୨୦ତାରିଖରୁ ସୁଲତାନ ନାମକ ଏକ ସନ୍ଧାନୀ କୁକୁରକୁ ରଖାଯାଇଛି। ଏହି କୁକୁର ଲାବ୍ରାଡ଼ର ପ୍ରଜାତିର ବୋଲି ଜଣାଯାଇଛି। ଡ଼ଗ ଟ୍ରେନର ଭାବେ ସାହାଜାନ ଖାନ ଓ ଆସିଷ୍ଟାଣ୍ଟ ଟ୍ରେନର ଅର୍ଜୁନ ଶିକା ନିୟୋଜିତ ଅଛନ୍ତି। ସନ୍ଧାନୀ କୁକୁର ସୁଲତାନ ମୁଣ୍ଡୁଳି ସ୍ଥିତ ଏନଡ଼ିଆରଏଫ ପ୍ରଶିକ୍ଷଣ କେନ୍ଦ୍ର ଓ ରାଜସ୍ଥାନରେ ମଧ୍ୟ ତାଲିମ ଦିଆଯାଇଥିଲା। ଦୀର୍ଘ ଦେଢ ବର୍ଷ ଧରି ପ୍ରଶିକ୍ଷଣ ପରେ ତାକୁ ସମ୍ପ୍ରତି ଏଠାକୁ ଅଣାଯାଇଛି। ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟରେ ସନ୍ଧାନୀ କୁକୁରକୁ ବ୍ୟବହାର କରାଯିବ ବୋଲି ଜଣାପଡ଼ିଛି। ଫଳରେ ଆକସ୍ମିକ ଦୁର୍ଘଟଣାରେ ଏହା ବିଶେଷ ସହଯୋଗ ହେବ। ସେହିଭଳି କୋରାପୁଟ ଜିଲ୍ଲା ଅଗ୍ନିଶମ ପ୍ରଶାସନକୁ ପ୍ରଦାନ କରାଯାଇଥିବା ସନ୍ଧାନୀ କୁକୁର ଲିଅ'କୁ ମଧ୍ୟ ଏଠାରେ ରଖାଯାଇଛି। ପରବର୍ତ୍ତି ସମୟରେ ଏହି କୁକୁର କୋରାପୁଟ ଯିବ।

## ■ ଗଞ୍ଜାମ ଜିଲ୍ଲା ଫୁଟବଲ୍ ଲିଗ୍-୨୦୨୫

# ପଦ୍ମନାଭପୁର 'ଗ୍ରୀନ୍ ଚିଲ୍ଲି'କୁ ହରାଇ ବ୍ରହ୍ମପୁର ପୁଲିସ ବିଜୟୀ



ବ୍ରହ୍ମପୁର,୬।୭(ସମିସ): ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଗଞ୍ଜାମ ଜିଲ୍ଲା ଫୁଟବଲ୍ ଲିଗରେ ରବିବାର ଗୋଟିଏ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ମ୍ୟାଚ 'ବ୍ରହ୍ମପୁର ପୁଲିସ' ବନାମ ପଦ୍ମନାଭପୁରର 'ଗ୍ରୀନ ଚିଲ୍ଲୀ' ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ପୁଲିସ ଦଳ 'ଗ୍ରୀନ ଚିଲ୍ଲୀ' ଦଳକୁ (୨-୧)ରେ ପରାସ୍ତ କରିଥିଲା। ମ୍ୟାଚ ରେଫେରୀ ଭାବେ ରମେଶ ଚନ୍ଦ୍ର ବେହେରା, ଅଭିମନ୍ୟୁ ବେହେରା, ବିଶ୍ୱନାଥ ପାତ୍ର ଓ ଜି. ମନ୍ମଥ ବାବୁ ଖେଳ ପରିଚାଳନା କରିଥିଲେ। ଏଥିରେ ପୂର୍ବତନ ତଥା ବରିଷ୍ଠ ଖେଳାଳିମାନେ ଯଥା ଏଲ୍. କେ. ରାଓ ରେଡ଼ି, ଡି. ଆପ୍ପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି. ଡି. ଗନ୍ତାୟତ, ରାଜେନ୍ଦ୍ର ଗନ୍ତାୟତ, ଗୋପାଳ ପଣ୍ଡା, ପ୍ରମୋଦ ମହାରଣା, ରାଜେନ୍ଦ୍ର ସାହୁ, ବି. ଜେ. ପାତ୍ର ଓ ଜି. ଏମ ବାବୁ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ଗୋଟିଏ ମ୍ୟାଚ ହୋଇଥିଲେ ହେଁ ମ୍ୟାଚଟି ସଂଘର୍ଷପୂର୍ଣ୍ଣ ଥିଲା ଏବଂ ଏହାକୁ ଉପସ୍ଥିତ ଖେଳାଳି ଓ ଫୁଟବଲ ପ୍ରେମୀ ବେଶ ଉପଭୋଗ କରିଥିବା ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ କହିଛନ୍ତି।

## ଆରଟିଇରେ ଘରୋଇ ସ୍କୁଲରେ ନାମ ଲେଖାଇଲେ ୫୬୭ ଛାତ୍ରଛାତ୍ରୀ

# ୨୦ରୁ ଅଧିକ ଅମାନିଆ ସ୍କୁଲକୁ ନୋଟିସ୍

ବ୍ରହ୍ମପୁର,୬।୭(ସମିସ): ପ୍ରତ୍ୟେକ ଶିଶୁ ଯେଭଳି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଏହିକ୍ରମରେ ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନେ ମାଗଣାରେ ଘରୋଇ ଶିକ୍ଷାନୁଷ୍ଠାନରେ କିପରି ପାଠ ପଢିବେ ସେନେଇ ମଧ୍ୟ ବ୍ୟବସ୍ଥା ରହିଛି। ଶିକ୍ଷା ଅଧିକାର ଆଇନ୍ (ଆର୍‌ଟିଇ) ଅନୁଯାୟୀ ପ୍ରତି ଘରୋଇ ସ୍କୁଲ୍ ୨୫ପ୍ରତିଶତ ଆର୍ଥିକ ଅନଗ୍ରସର ବର୍ଗ (ଇଡବ୍ଲୁଏସ୍)ର ପିଲାଙ୍କୁ ଆଡମିଶନ କରିବାର ନିୟମ ରହିଛି। ଏହି ନିୟମ ଆଧାରରେ ରଙ୍ଗେଇଲୁଣ୍ଡା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବିଭିନ୍ନ ଘରୋଇ ସ୍କୁଲରେ ଚଳିତ ଶିକ୍ଷାବର୍ଷରେ ମୋଟ ୫୬୭ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ଜଣାପଡ଼ିଛି।

ସୂଚନାଯୋଗ ଯେ, ୨୦୨୫-୨୬ ଶିକ୍ଷା ବର୍ଷରେ ରଙ୍ଗେଇଲୁଣ୍ଡା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ମୋଟ ୬୪ଟି ଘରୋଇ ବିଦ୍ୟାଳୟରେ ୭୪୧ଟି ସିଟ୍

**● ସିଓଆର୍ ମିଳିଲେ ନିୟମ ଭୁଲନ୍ତି ଘରୋଇ ସ୍କୁଲ**
**● କାର୍ଯ୍ୟାନୁଷ୍ଠାନ କେବେ?**

ରହିଥିବା ବେଳେ ୫୬୭ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ସେଥିମଧ୍ୟରୁ ୨୯୪ଜଣ ଛାତ୍ରୀ, ୨୯୪ଜଣ ଛାତ୍ର ଓ ଅନ୍ୟାନ୍ୟ ବର୍ଗରେ ୨୩ଜଣ ଛାତ୍ରଛାତ୍ରୀ ନିଜ ନାମ ଲେଖାଇଛନ୍ତି। ମୋଟ ୧୫ଶହରୁ ଉଦ୍ଧ୍ୱର୍ ଆଶାୟୀ ଶିକ୍ଷା ଅଧିକାର ଆଇନରେ ନାମ ଲେଖିବାକୁ ଆବେଦନ କରିଥିଲେ। ଅନ୍ୟପକ୍ଷରେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାର ବହୁ ଓଡିଆ ଓ ଇଂରାଜୀ ମାଧ୍ୟମିକ ସ୍କୁଲ ରହିଛି। କିନ୍ତୁ ଶିକ୍ଷା ଅଧିକାର ଆଇନକୁ ଘରୋଇ ସ୍କୁଲ ଗୁଡ଼ିକ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ସରକାରୀ ପୋର୍ଟାଲରେ ଆବେଦନ କରି ବି ଆଡମିଶନ୍ କରିପାରୁନାହାଁନ୍ତି ଛାତ୍ରଛାତ୍ରୀ। ସେହିପରି ବହୁ ଘରୋଇ ସ୍କୁଲ ଗଣଶିକ୍ଷା ବିଭାଗର ପାରଦର୍ଶୀ ପୋର୍ଟାଲ୍‌ରେ ଜାଣିଶୁଣି ପଞ୍ଜୀକରଣ କରୁନଥିବା ଅଭିଯୋଗ ହୋଇଛି। ଆଉ କିଛି ସ୍ଥାନରେ ଯୋଗ୍ୟ ତାଲିକାରେ ନାଁ ଥାଇ ବି ପିଲା ଓ ଅଭିଭାବକ ମାନଙ୍କୁ ଘରୋଇ ସ୍କୁଲ୍‌ଗୁଡିକ ଆଡମିଶନ ନକରାଇବା ପାଇଁ ହଇରାଣ ହରକତ କରୁଛନ୍ତି। ଫଳରେ ଗରିବ ପିଲା ଭଲ ସ୍କୁଲ୍‌ରେ ନାଁ ଲେଖାଇ ପାରୁନାହାଁନ୍ତି।

ଏହି ଆଇନ୍ ଅନୁଯାୟୀ ଘରୋଇ ସ୍କୁଲ୍ ଗୁଡିକ ଏଣ୍ଟ୍ରିଲେବେଲ୍ ବା ପ୍ରବେଶସ୍ତରରୁ ସମୁଦାୟ ସିଟ୍‌ର ୨୫ପ୍ରତିଶତ କୋଟାରେ ଆର୍ଥିକ ଅନଗ୍ରସରମାନଙ୍କୁ ଆଡମିଶନ ଦେବେ ମାତ୍ର ଗଳାବାଟ ଦେଇ ଶିକ୍ଷା ଅଧିକାର ଆଇନ୍‌କୁ ଘରୋଇ ସ୍କୁଲ ମାନୁନାହାନ୍ତି। ଗଣଶିକ୍ଷା ବିଭାଗଠାରୁ ପ୍ରତିବର୍ଷ ଘରୋଇ ସ୍କୁଲ୍ ଗୁଡିକ ସାର୍ଟିଫିକେଟ୍ ଅଫ୍ ରେକଗ୍ନିସନ(ସିଓଆର୍) ନେଉଛନ୍ତି। କିନ୍ତୁ ସାର୍ଟିଫିକେଟ ପାଇବା ପରେ ଶିକ୍ଷା ଅଧିକାର ନିୟମକୁ ମାନୁନାହାଁନ୍ତି। ଏଭଳି ଘରୋଇ ସ୍କୁଲ ଗୁଡ଼ିକ ଉପରେ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବିଭିନ୍ନ ମହଲରେ ଦାବି ହୋଇଛି। ଏନେଇ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଶିକ୍ଷା ଅଧିକାର ଆଇନ ମାନୁ ନଥିବା ଘରୋଇ ସ୍କୁଲ୍ ଗୁଡିକକୁ ଚିହ୍ନଟ କରାଯାଇଛି। ଅମାନିଆ ୨୦ରୁ ଅଧିକ ଘରୋଇ ବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଆବଶ୍ୟକ ପଡ଼ିଲେ ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଶିକ୍ଷା ବିଭାଗକୁ ଚିଠି ଲେଖାଯିବା ବୋଲି ସେ କହିଛନ୍ତି।

ଖଲ୍ଲିକୋଟରେ ଦୟନୀୟ ସ୍ଥିତି

# ୧୦୮ ଆମ୍ବୁଲାନ୍ସ ଚାଲୁଛି କମ୍, ଝୁଣ୍ଟୁଛି ବେଶୀ

ଖଲ୍ଲିକୋଟ,୬।୭(ସମିସ)

ଗୁରୁତର ରୋଗୀଙ୍କ ପାଇଁ ସାହାରା ପାଲଟିଥିବା ୧୦୮ ଆମ୍ବୁଲାନ୍ସ ଏବେ ଦୟନୀୟ ସ୍ଥିତିରେ ପହଁଚିଛି। ସରକାର ବଦଳିବା ପରେ ଏହାର ଭାଗ୍ୟ ମଧ ବଦଳି ଯାଇଛି। ଖଲ୍ଲିକୋଟ ଅଞ୍ଚଳରେ ଏହା ଚାଲୁଛି କମ୍ ଝୁଣ୍ଟୁଛି ବେଶୀ। ଶୁକ୍ରବାର ଖଲ୍ଲିକୋଟ ଘାଟି ଉପରେ ଅଚଳ ହୋଇ ପ୍ରାୟ ୩ ଘଣ୍ଟା ପଡ଼ିଥିବା ୧୦୮ ଆମ୍ବୁଲାନ୍ସରେ ଜଣେ ଗୁରୁତର ରୋଗୀଙ୍କ ଛଟପଟ ହୋଇ ମୃତ୍ୟୁ ଘଟିଥିବା ବେଳେ ଏବେ ସାରା ରାଜ୍ୟରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ୧୦୮ ଆମ୍ବୁଲାନ୍ସ ଏବେ ବିଭିନ୍ନ ଅସୁବିଧା ଦେଇ ଗତି କରୁଥିବା ବେଳେ ଖଲ୍ଲିକୋଟ ମେଡିକାଲରେ ଥିବା ତିନୋଟି ଆମ୍ବୁଲାନ୍ସ ମଧ୍ୟରୁ ଗୋଟିଏ ଅଚଳ ହୋଇ ପଡିଥିବା ବେଳେ ଆଉ ୨ଟିର ଅବସ୍ଥା ଶୋଚନୀୟ ହୋଇଛି। ଗୁରୁତର ରୋଗୀଙ୍କୁ ନେବା ପାଇଁ କୋଦଳା ଓ ଆଖପାଖ ମେଡିକାଲରୁ ୧୦୮ ଆମ୍ବୁଲାନ୍ସ ଗାଡି ଆସୁଛି। ତେବେ ୧୦୮ ଆମ୍ବୁଲାନ୍ସ ଗାଡି ଆସିବାରେ ବହୁ ବିଳମ୍ବ ହେଉଥିବାରୁ କେତେକ ଗୁରୁତର ରୋଗୀ ନିଜସ୍ୱ ଖର୍ଚ୍ଚରେ କାର ଭଡା କରି ବ୍ରହ୍ମପୁର ବଡ଼ ମେଡିକାଲକୁ ଯାଉଛନ୍ତି। ଗତ କିଛି ଦିନ ତଳେ ବିଳମ୍ବିତ ରାତିରେ କୋଦଳାରେ ଥିବା ୧୦୮ ଆମ୍ବୁଲାନ୍ସ ଖଲ୍ଲିକୋଟ ମେଡିକାଲକୁ ରୋଗୀ ନେବା ପାଇଁ ଆସୁଥିବା ବେଳେ ମଥୁରା ନିକଟରେ ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ଫଳରେ ଆମ୍ବୁଲାନ୍ସଟିକୁ




ଠେଲି ଠେଲି ନେଇ ୧୦୮ କର୍ମଚାରୀ କିଛି ଦୂରରେ ଥିବା ଏକ ପେଟ୍ରୋଲ ପମ୍ପରେ ରଖିଥିଲେ। ତେବେ ସେହି ଗାଡ଼ି ଦୁଇଦିନ ପୂର୍ବରୁ ଏକ ସାପ କାମୁଡ଼ା ଗୁରୁତର ରୋଗୀକୁ ନେଇ ବ୍ରହ୍ମପୁର ଯାଉଥିବା ବେଳେ ରାସ୍ତାରେ ଖରାପ ହୋଇଯାଇଥିଲା। ପୁଣି ତାକୁ ମରାମତି କରି ଆଣିବାର ଦୁଇ ଦିନ ପରେ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଖଲ୍ଲିକୋଟ ମେଡିକାଲରେ ଥିବା ୧୦୮ ଆମ୍ବୁଲାନ୍ସ ଗୁଡ଼ିକର ସମାନ ସ୍ଥିତି। କୋଉ ଗାଡ଼ିର ଲାଇଟ୍ ଜଳୁନି ତ କେଉଁ ଗାଡ଼ିର ପଙ୍ଖା କାମ କରୁନି। ଗାଡ଼ିର କେବିନ ଲାଇଟ ମଧ ଜଳୁନି। ଫଳରେ ଗୁରୁତର ରୋଗୀଙ୍କୁ ବ୍ରହ୍ମପୁର ନେବା ବେଳେ ରୋଗୀ ନାହି ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଡି ଗୁଡିକର ମରାମତି କରା ନ ଗଲେ ପୁଣି କେତେବେଳେ ରାସ୍ତାରେ ଗାଡି ଅଚଳ ହୋଇଯିବ ଏବଂ ଗୁରୁତର ରୋଗୀଙ୍କ ଜୀବନ ଚାଲିଯିବ ସେ ନେଇ ଆଶଙ୍କା ଉପୁଜିଲାଣି।

## ଶ୍ରୀଲକ୍ଷ୍ମୀନାରାୟଣ ମହାପ୍ରଭୁଙ୍କ ବିଗ୍ରହ ପ୍ରତିଷ୍ଠା



ରମ୍ଭା,୬।୭(ସମିସ): ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ମହାପ୍ରଭୁଙ୍କ ସ୍ଥାୟୀ ମନ୍ଦିରରେ ବିଗ୍ରହ ପୁନରୁଦ୍ଧାର ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ବ୍ରାହ୍ମଣ ସାହି ହନୁମାନ ମନ୍ଦିରରୁ ଅସ୍ଥାୟୀ ଭାବେ ପୂଜା ପାଉଥିବା ଲକ୍ଷ୍ମୀ ନାରାୟଣଙ୍କ ବିଗ୍ରହକୁ ଘଣ୍ଟାଘଣ୍ଟା ତାଳେ ତାଳେ ସହର ପରିକ୍ରମା କରି ଲକ୍ଷ୍ମୀ ନାରାୟଣ ମନ୍ଦିରକୁ ସ୍ଥାନାନ୍ତରିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୁରୋହିତ ପଣ୍ଡିତ ଜଗନ୍ନାଥ ଦାଶ, ସହଯୋଗୀ ଆଚାର୍ଯ୍ୟ ଆଦିତ୍ୟ ପ୍ରସାଦ ଦାଶ, ସୁରଜ କୁମର ଦାଶ ପୂଜାରୀ ଟୁକୁନି ପଣ୍ଡା, ଆଶୁତୋଷ ପାଠୀ ରହିଥିବା ବେଳେ କର୍ତ୍ତା ରୂପେ ସରୋଜ ପଣ୍ଡା ଓ ସହଧର୍ମିଣୀ ଅଞ୍ଜଳି ପଣ୍ଡା ରହିଥିଲେ। ଟ୍ରଷ୍ଟର ସଭାପତି ମମତା ପାଢ଼ୀ, ସମ୍ପାଦକ କଳ୍ପିତା ପାଢ଼ୀ, ଉପସଭାପତି ଗିରିଜା ଶଙ୍କର ପଣ୍ଡା, ସିଗ୍ଧାରାଣୀ ପଣ୍ଡା, ଆଶାଲତା ପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଭାକର ପ୍ରଧାନ, ସୁବାଷ ଚନ୍ଦ୍ର ବେହେରା, କାଳିଆ, ସୁରେନ୍ଦ୍ର, ଲକ୍ଷ୍ମୀଧର ସହଯୋଗ କରିଥିଲେ।

## ୧୦୮ ହନୁମାନ ଚାଳିଶା



ଛତ୍ରପୁର,୬।୭(ସମିସ): ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଛତ୍ରପୁର ତିରୁପତିରାଓ ପେଟା ସ୍ଥିତ ଭାଜପା କାର୍ଯ୍ୟାଳୟରେ ସମାଜର ମଙ୍ଗଳ କାମନା କରି ୧୦୮ ହନୁମାନ ଚାଳିଶା ପାଠ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀ, ବିଜେପି ରାଜ୍ୟ ପରିଷଦ ସଭ୍ୟ ପଦ୍ମ ଚରଣ ସାହୁ, ସାଂସଦ ପ୍ରତିନିଧି ରୁଇନା ପଟ୍ଟନାୟକ, ପୂର୍ବତନ ଉପ ନଗରପାଳ ବସନ୍ତ ବେହେରା, ଯୁବ ନେତା ବନୋଜ ନାହାକ, ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, କଣମଣା ମଣ୍ଡଳ ସଭାପତି ଏନ. ଦିନବନ୍ଧୁ, ପି ରାମବାବୁ, ଲକ୍ଷ୍ମୀନାରାୟଣ ପଣ୍ଡା, ଏସ. କାନ୍ତେୟା ରେଡ୍ଡୀ, ଜି. ମନୋଜ ରେଡ୍ଡୀଙ୍କ ସମେତ ଛତ୍ରପୁର ନିର୍ବାଚନ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ



ବେଲଗୁଣ୍ଠା,୬।୭(ସମିସ): ବେଲଗୁଣ୍ଠା ବ୍ଲକ୍ ନାଟଙ୍ଗା ଦୀନବନ୍ଧୁ ବିଦ୍ୟାପୀଠରେ ରାଜ୍ୟସ୍ତରୀୟ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ-୨୦୨୫ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ମନୋଜ କୁମାର ଘଡ଼େଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଦ୍ୟୁତ୍ ବିଭାଗର ସହକାରୀ ନିର୍ବାହି ଯନ୍ତ୍ରୀ ଆଦର୍ଶ କୁମାର ବେହେରା ଏବଂ ଗଂଜାମ ଜିଲ୍ଲା ଡେପୁଟି ବିଦ୍ୟୁତ୍ ନୀରିକ୍ଷକ ସମ୍ବିତ୍ ସାଗର ପାଣି ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ବିଦ୍ୟୁତର ବ୍ୟବହାରରେ ସତର୍କତା, ବିଦ୍ୟୁତ୍ ଅପଚୟକୁ ରୋକିବା ଦିଗରେ ପଦକ୍ଷେପ, ସୌରଶକ୍ତିର ବ୍ୟବହାର, ଶକ୍ତି ସଞ୍ଚୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନର୍ଜି କ୍ଲବ୍ ଶିକ୍ଷକ ପ୍ରଭାତ କୁମାର ଗୌଡ଼, ବରିଷ୍ଠ ଶିକ୍ଷୟିତ୍ରୀ ଡୋକି ସରୋଜିନୀ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଶିକ୍ଷକ ମାନସ ରଞ୍ଜନ ମହାନ୍ତି ଅତିଥି ପରିଚୟର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଇକୋ କ୍ଲବ୍ ଏବଂ ଏନର୍ଜି କ୍ଲବର ଷାଠିଏ ଜଣ ଛାତ୍ରଛାତ୍ରୀ ଏବଂ ପଚାଶ ଜଣ ଅଭିଭାବକ ଅଂଶଗ୍ରହଣ କରିଥିଲେ।

## ପୂର୍ତ୍ତ ବିଭାଗ ପରିସରରେ ଚାରାରୋପଣ

ରମ୍ଭା,୬।୭(ସମିସ): ଖଲ୍ଲିକୋଟ ବନାଞ୍ଚଳ ଓ ରମ୍ଭା ପୂର୍ତ୍ତ ବିଭାଗର ମିଳିତ ସହଯୋଗରେ ସ୍ଥାନୀୟ ପୂର୍ତ୍ତ ବିଭାଗ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ



ଅନୁଷ୍ଠିତ ହୋଇଯାଇଛି। ଫରେଷ୍ଟର୍ ଡି.ପ୍ରଶାନ୍ତ ରାଓ, ଫରେଷ୍ଟ ଗାର୍ଡ ଦେବାଶିଷ ପଟ୍ଟନାୟକ, ଜଗନ୍ନାଥ ଦଣ୍ଡସେନା, ଜିତେନ୍ଦ୍ର ଉପସ୍ଥିତ ଥିବାବେଳେ ପୂର୍ତ୍ତ ବିଭାଗ ତରଫରୁ କୋଷାଧକ୍ଷ ରଘୁନାଥ ମହାପାତ୍ର, କିରାଣୀ ପ୍ରକୃତି ବନ୍ଧୁ ପଞ୍ଚାନନ ଖଟୁଆ, ବିପିନ ବିହାରୀ ଗୌଡ଼, ସନ୍ତୋଷ ମହାପାତ୍ର, କରନ୍ ଗୌଡ଼, ଜିଗ୍ନେସ ଗୌଡ଼, କୃଷ୍ଣଚନ୍ଦ୍ର ନାୟକ, ନିଶିକାନ୍ତ ତରେଇ ଉପସ୍ଥିତ ଥିଲେ।

## ଅସହ୍ୟ ହେଲାଣି ବୁଲାଗୋରୁଙ୍କ ପ୍ରାଦୁର୍ଭାବ; ବଢୁଛି ଦୁର୍ଘଟଣା

ଗୋରୁକୁ ବଞ୍ଚାଇବାକୁ ଯାଇ ଦୁର୍ଘଟଣାରେ ଜଳିଯାଇଥିଲା ୨ କାର୍

ଛତ୍ରପୁର,୬।୭(ସମିସ)



ଛତ୍ରପୁର ସହରରେ ହେଉ କି ଜାତୀୟ ରାଜପଥ ଦିନକୁ ଦିନ ଅସହ୍ୟ ହେଲାଣି ବୁଲା ଗାଈଗୋରୁଙ୍କ ଅବାଧ ଚଳପ୍ରଚଳ। ରାସ୍ତାରେ ଚଳପ୍ରଚଳ ସହ ଶୋଇ ରହିବା ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ପୁଣି କେତେବେଳେ ଗାଡି ଧକ୍କାରେ ଗୋ-ମାତାଙ୍କ ଜୀବନ ମଧ ଯାଉଛି। ଦିନକୁ ଦିନ ଏହି ସମସ୍ୟା ଏବେ ଉତ୍କଟ ରୁପ ଧାରଣ କରୁଛି। ଅତି ନିକଟରେ ଚମାଖଣ୍ଡି ଜାତୀୟ ରାଜପଥରେ ଗାଈଙ୍କ ପାଇଁ ତିନୋଟି କାର୍ ପଛକୁ ପଛ ଧକ୍କା ହୋଇଥିଲା। ଯେଉଁଥିରେ ଦୁଇଟି କାର ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିବା ବେଳେ ୭ ଜଣ ଅଳ୍ପକେ ବର୍ତ୍ତି ଯାଇଥିଲେ। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ଛତ୍ରପୁର ଏନ୍ଏସିର ୧୦ନଂ ୱାର୍ଡ କାଉନସିଲର ଦେବାଶୀଷ ମିଶ୍ର ଓ ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି। ଅମାନିଆ ଗୋରୁମାଲିକଙ୍କ ବିରୁଦ୍ଧରେ କୌଣସି ଅଙ୍କୁଶ ନଥିବାରୁ କ୍ଷୀର ଦୁହିଁ ଗାଈକୁ ଗୁହାଳରେ ନରଖି ସେମାନଙ୍କୁ ରାଜରାସ୍ତାକୁ ଛାଡି ଦେଉଛନ୍ତି, ଯାହାର କୁପରିଣାମ ଭୋଗୁଛନ୍ତି ସହରବାସୀ। କେବଳ ଛତ୍ରପୁରର ଏହି ସମସ୍ୟା ନାହିଁ ସବୁଠି ଏହି ସମସ୍ୟା। ଗାଈଗୋରୁଙ୍କ ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। କାଞ୍ଜିଆକୁଦା ନଥିବାରୁ ଗାଈଗୋରୁ ରଖିବା ପାଇଁ ଏନଏସି ପ୍ରଶାସନ ଆଗଭର ହେଉନାହିଁ। ଏନଏସି ପ୍ରଶାସନ ତୁରନ୍ତ ଏକ କାଞ୍ଜିଆହୁଦା ନିର୍ମାଣ କରି ଯେଉଁ ଗୋରୁଗୁଡିକ ରାସ୍ତାରେ ବୁଲୁଥିବେ ସେମାନଙ୍କୁ ଉଠାଯାଇ ସେଠାରେ ଛାଡିବାକୁ ଦାବି ହୋଇଛି। ସେହିପରି ଜାତୀୟ ରାଜପଥରେ ଗାଈଗୋରୁ ବୁଲିଲେ ଏନ୍ଏଚ୍ଆଇ ବିଭାଗ ସେମାନଙ୍କୁ ଉଠେଇବାର ନିୟମ ରହିଥିଲେ ବି ସେମାନେ ମଧ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି।

## ବିଦ୍ୟାଳୟରେ ବନ ମହୋତ୍ସବ



କୁକୁଡାଖଣ୍ଡି,୬।୭(ସମିସ): କୁକୁଡାଖଣ୍ଡି ବ୍ଲକ ଯୋଗିଆପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଦିନ ବନ ମହୋତ୍ସବ ବିଦ୍ୟାଳୟ ପରିଚାଳନା ଅଧ୍ୟକ୍ଷ ସୁଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତଥି ଭାବେ ପ୍ରକୃତି ବନ୍ଧୁ ବନମାଳୀ ପ୍ରଧାନ ଯୋଗ ଦେଇଥିଲେ। ଶ୍ରୀ ପ୍ରଧାନ ସମସ୍ତ ଛାତ୍ର ଛାତ୍ରୀଙ୍କୁ ଗଛ ବଣ୍ଟନ କରିଥିଲେ ଓ ଏହାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ରକ୍ଷାବନ୍ଧନ ଦିନ ନିଜେ ରାକ୍ଷୀ ବାନ୍ଧିବା ସହ ବଳଭଦ୍ରଙ୍କ ଜନ୍ମଦିନରେ ଏକ ରାକ୍ଷୀ ନିଜେ ଲଗାଇଥିବା ଗଛରେ ବାନ୍ଧିବା ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ରାଉତ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ବିଭିନ୍ନ ସମସ୍ୟା ନେଇ ବିଧାୟକଙ୍କ ସହିତ ଆଲୋଚନା କଲେ କଂଗ୍ରେସ କର୍ମୀ

ଜି.ଉଦୟଗିରି,୬।୭(ସମିସ): ପୂର୍ବତନ ନଗର କଂଗ୍ରେସ ସଭାପତି ଗଗନ କୁମାର ପ୍ରଧାନଙ୍କ ନେତୃତ୍ୱରେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କଂଗ୍ରେସ କର୍ମୀ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଯୁବନେତା ଶଶାନନ୍ଦ ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ରମାକାନ୍ତ ମହାପାତ୍ର, ବୀରେନ୍ଦ୍ର ମହାମଲିକ, ଜି. ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ୧୩ ନଂ ୱାର୍ଡର କାଉନସିଲର ପ୍ରାର୍ଥୀ ଶୁଭ୍ରମନ୍ୟୁ ନାୟକ, ରାଜେଶ ସାହୁ, ଉମେଶ ପ୍ରଧାନ, ଅଜିତ ନାୟକ, ସନ୍ତୋଷ ପ୍ରଧାନ, ଯଶବନ୍ତ ପ୍ରଧାନ,



ମହାନନ୍ଦ ପ୍ରଧାନ, ରୁବେନ କୁମାର ପ୍ରଧାନ, ଅନିଲ କୁମାର ପ୍ରଧାନ, ସଞ୍ଜୟ ଦିଗାଲ, ଦିଲୀପ ନାୟକ, କରଣ ପାଲ ପ୍ରଧାନ, ଦୀପକ ନାୟକ ଉପସ୍ଥିତ ଥିଲେ। ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ ସମେତ ଅନ୍ୟାନ୍ୟ ପଦ ପୂରଣ ପାଇଁ ଦାବି ସହ ଜି.ଉଦୟଗିରି ବାଇପାସ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ, ଜି.ଉଦୟଗିରିକୁ ଉପଖଣ୍ଡ ମାନ୍ୟତା, ସହର ମଧ୍ୟରେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ବିପଦସଂକୁଳ ଅବସ୍ଥାରେ ପରିବା ଚାଷୀ ଓ ବେପାରୀଙ୍କୁ ସ୍ୱତନ୍ତ୍ର ସ୍ଥାନ ଯୋଗାଇବା, ଶୀତଳ ଭଣ୍ଡାରର ପୁନରୁଦ୍ଧାର, ସହରରୁ ବିଭିନ୍ନ ସହରକୁ ସରକାରୀ ବସ ଚଳାଚଳ, ଚାଷ ଜମିକୁ ଜଳସେଚନ ସମେତ ସିର୍କି ଘାଇର ପୁନରୁଦ୍ଧାର ଇତ୍ୟାଦି ଦାବି ସରକାରଙ୍କ ପାଖରେ ଉପସ୍ଥାପନା କରିବା ସହ ଦାବି ପୂରଣ ପାଇଁ ବିଧାୟକ ଶ୍ରୀପ୍ରଧାନଙ୍କୁ ଅନୁରୋଧ କରାଯାଇଥିଲା।

## ସର୍ବଭାରତୀୟ ଧର୍ମଘଟ ସଫଳ ପାଇଁ ବୈଠକ




ଛତ୍ରପୁର,୬।୭(ସମିସ): ମୋଦି ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତି ପ୍ରତ୍ୟାହାର ଦାବି ନେଇ ଜୁଲାଇ ୯ ତାରିଖକୁ ସର୍ବଭାରତୀୟ ଧର୍ମଘଟ ନିମନ୍ତେ ଡାକରା ଦିଆଯାଇଛି। ଏହି ଧର୍ମଘଟକୁ ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁରଠାରେ ସଫଳ କରିବା ନିମନ୍ତେ ଏଆଇଟିୟୁସି, ସିପିଆଇ, ଏଚ୍ଏମ୍ଏସ୍, ଆଇଏନଟିୟୁସି ଏବଂ ବିଭିନ୍ନ ସଂଗଠନର ନେତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଲକ୍ଷ୍ମଣ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳି ସଦସ୍ୟ ତଥା ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ ଅଧ୍ୟକ୍ଷତା କରି ମୋଦି ସରକାରଙ୍କ ଜନ ମାରଣା ନୀତିକୁ କଡା ସମାଲୋଚନା କରିବା ସହିତ ଧର୍ମଘଟକୁ କିପରି ଶତପ୍ରତିଶତ ସଫଳ କରାଯିବ ସେଥି ନିମନ୍ତେ ଆହ୍ୱାନ ଦେଇଥିଲେ। ଏହା ସହିତ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ସମସ୍ତ ବିଭାଗର ଡାକ୍ତର ପଦବି ପୂରଣ କରିବା, ଡିଆରଡିଏ ଓ କଲେଜ ଛକ ନିକଟରେ ତୁରନ୍ତ ଓଭରବ୍ରିଜ ନିର୍ମାଣ କରିବା, ଚାଷୀଙ୍କ ସୁବିଧା ନିମନ୍ତେ କରାତଳି ତାମ୍ପରାକୁ ଆନ୍ଧ୍ରା ମାଛ ମାଫିଆ ଠାରୁ ଉଚ୍ଛେଦ କରି ତାହାର ପୁନଃ ଉଦ୍ଧାର କରିବା ସହିତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଦାବି ସମ୍ପର୍କରେ ମଧ ଆଲୋଚନା ହୋଇଥିଲା।

ଏନେଇ ଜୁଲାଇ ୮ ତାରିଖରେ ଛତ୍ରପୁର ବଜାର ଛକ ଠାରେ ମିଟିଙ୍ଗ କରାଯିବ। ଏହି ପ୍ରସ୍ତୁତି ବୈଠକରେ, ଯୁବ ସଂଘର ଜାତୀୟ ସମ୍ପାଦକ ପ୍ରଦୀପ ସେଠି, ସିପିଆଇ ଜିଲ୍ଲା ସହ - ସମ୍ପାଦକ ନୀଳକଣ୍ଠ ଦାଶ, ବରିଷ୍ଠ ନେତା ଗୋକୁଳ ଚନ୍ଦ୍ର ପଣ୍ଡା, ରାଜୀବ ଲୋଚନ ପଣ୍ଡା, ଜିଲ୍ଲା ନେତା ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ଛତ୍ରପୁର ଜୋନାଲ ସମ୍ପାଦକ ଡି. ଆଦିନାରାୟଣ ରେଡ୍ଡୀ, ନାରୀନେତ୍ରୀ ଏନ. ଭାନୁମତି ରେଡ୍ଡୀ, ଗଞ୍ଜାମ ଜୋନାଲ ସମ୍ପାଦକ ଦଣ୍ଡପାଣି ପାତ୍ର, ଆଇନଜୀବୀ ଆଦିତ୍ୟ ମିଶ୍ର, ଏଚଏମ ଏସ ନେତା ଡ଼ଃ ରାଜେନ୍ଦ୍ର ଦାଶ, ଆଇଏନଟିୟୁସିର ଇଜୁ ଆମିନ ଖାନ, ଋଷିକୂଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ, ଏନ. ସୁକାନ୍ତ ଆଚାରି, ଭବାନୀ ସେନା ଓ ଅନ୍ୟାନ୍ୟ କୋଠାବାଡି ଶ୍ରମିକ ସଂଘ ସଭାନେତ୍ରୀ ମିନତୀ ପାତ୍ର, ଡମ୍ବରୁଧର ବାରିକ, ଯୁଧିଷ୍ଠିର ପାତ୍ରଙ୍କ ସମେତ ବିଭିନ୍ନ ସଂଗଠନର ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ।

## କଳାକାରଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ

କବିସୂର୍ଯ୍ୟନଗର,୬।୭(ସମିସ): ପବିତ୍ର ବାହୁଡା ଯାତ୍ରାରେ ସ୍ଥାନୀୟ ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା ଶ୍ରୀଗୁଣ୍ଡିଚା ଭଜନ ସମାରୋହ। ଏହାକୁ ଉଦଘାଟନ କରିଥିଲେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ। ଭଜନ ମଣ୍ଡଳୀ ସଭାପତି ତଥା ଲାୟନ୍ସ କ୍ଲବ ସଭାପତି ଇଂ. କୃପାସିନ୍ଧୁ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଯୋଗ ଦେଇଥିଲେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ। ମୁଖ୍ୟବକ୍ତା ଭାବେ ସମାଜସେବୀ ରାମପ୍ରସାଦ ମହାରଣା, ସମ୍ମାନିତ ଅତିଥି ମୋହନ ସୁନ୍ଦର ସ୍ୱାଇଁ, କାଉନସିଲର ଦେବୀପ୍ରସାଦ ସ୍ୱାଇଁ, ବିଶ୍ୱଜିତ ମହାପାତ୍ର, ଶିବରାମ ପଣ୍ଡା, ଡ୍ରାଇଭର ମାଝୀ, ସୌମ୍ୟରଞ୍ଜନ ବିଷୋୟୀ, ବି. ଶଙ୍କର ପାତ୍ର, ରଞ୍ଜନ ଗୌଡ଼, ଦୁର୍ଗାପ୍ରସାଦ ପାଣି, ଅଜୟ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହାପରେ ଆରମ୍ଭ ହୋଇଥିଲା ଓଡ଼ିଶାର ଖ୍ୟାତନାମା କଳାକାରଙ୍କ ସମ୍ବର୍ଦ୍ଧନା ଉତ୍ସବ। ପ୍ରବଚକ ବଂଶୀଧର ପ୍ରଧାନ, ପ୍ରବଚକ ସୁଶାନ୍ତ ପାଣିଗ୍ରାହୀ, କିବୋର୍ଡ ବିଶାରଦ ବିଶ୍ୱଭୂଷଣ ପାତ୍ର, ଅକ୍ଟୋପେଡ ଜେ. ଜଗାକୁମାର, ତବଲା ବାଦକ ମିଥୁନ କୁମାର ଓ ଲକ୍ଷ୍ମୀନାରାୟଣ ପାତ୍ର, ତବଲା ବାଦକ ନାରାୟଣ ସାହୁ,କି ବୋର୍ଡ ବାଦକ ସୁବାସ ବିଶ୍ୱାଳ, ଭଜନ କଣ୍ଠଶିଳ୍ପୀ ତଥା ସମ୍ପାଦକ ଶିଶୁଗୋପାଳ ସାହୁ, ସନାତନ ଗୌଡ଼, ବବ୍ରୁବାହାନ ଜେନା, ବିଚିତ୍ର ବିଷୋୟୀ, ଜିତେନ୍ଦ୍ର କୁମାର ସାହୁ ଏବଂ ଉପସ୍ଥାପକ ବଳରାମ ପୋଲାଇ ଓ ଶିବାନନ୍ଦ ବାରିକକୁ ଉପଢୌକନ, ମାନପତ୍ର, ସିଲ ଦେଇ ସମ୍ବର୍ଦ୍ଧିତ କରିଥିଲେ ବିଧାୟକ।

## ସହର ଜଗିଛି ଅଚଳ ସିସିଟିଭି; ଫାଇଦା ନେଉଛନ୍ତି ଦୁର୍ବୃତ୍ତ

ଛତ୍ରପୁର,୬।୭(ସମିସ)



ଛତ୍ରପୁର ଥାନା ଅଧିନରେ ଏବେ ଚୋରି ଓ ଡକାୟତି ସଂଖ୍ୟା କମିବାରେ ନାଁ ନେଉନି। ଚୋରି ଓ ଡକାୟତି ହ୍ରାସ ପାଇଁ ପୁଲିସ ପକ୍ଷରୁ ସହରରେ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଇଥିଲା। ଯଦ୍ୱାରା ଏହି ସିସିଟିଭି ଜରିଆରେ ସେମାନଙ୍କୁ ଚିହ୍ନଟ କରିବାରେ ସହାୟକ ହେବ। କିନ୍ତୁ ସହରରେ ପୁଲିସ ପକ୍ଷରୁ ଲଗାଯାଇଥିବା ସିସିଟିଭି ଏବେ କାମ କରୁନାହିଁ। ଏହାର ସୁଯୋଗ ନେଉଛନ୍ତି ଦୁର୍ବୃତ୍ତ। ବେଧଡ଼କ ଅପରାଧ ଘଟାଇ ପଳାଉଛନ୍ତି। ପୁଲିସ ଟେର୍ ପାଉନାହିଁ। ଏବେ ଅଚଳ ହୋଇଥିବା ସିସିଟିଭି ଗୁଡିକ ମରାମତି କରିବା ଆବଶ୍ୟକ ହୋଇଛି। ଛତ୍ରପୁର ଜିଲ୍ଲା ସଦର ମହକୁମା ହୋଇଥିବାରୁ ଏଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ହୋଇପଡିଛି। ଯଦି ସିସିଟିଭି ଲଗାଯାଇଛି ଏହାର ରକ୍ଷଣାବେକ୍ଷଣ କରିବା ଆବଶ୍ୟକ ଯଦି ଏହା ନକରାଯାଏ ତେବେ ସିସିଟିଭି ଲଗାଯିବାର ଲାଭ କଣ ବୋଲି ଏବେ ଜନସାଧାରଣମାନେ କହୁଛନ୍ତି। ଏବେ ସିସିଟିଭି ଅଚଳର ଫାଇଦା ନେଉଛନ୍ତି ଅପରାଧି। କଲେଜ ଛକ, ବସଷ୍ଟାଣ୍ଡ, ଅପର ବସଷ୍ଟାଣ୍ଡ, ବାଇପାସ ଆଦି ବିଭିନ୍ନ ଛକ ମାନଙ୍କରେ ସିସି ଟିଭି ଲଗାଯାଇଛି। କିନ୍ତୁ ତାହା ଏବେ ଅଚଳ ହୋଇପଡିଛି। ପୁଲିସ ପକ୍ଷରୁ ଅଚଳ ହୋଇଥିବା ସିସିଟିଭି ମରାମତି କରାଯିବା ସହ ଆହୁରି ସହରରେ ବିଭିନ୍ନ ସାହି ମାନଙ୍କରେ ମଧ ସିସିଟିଭି ଲଗାଯିବାପାଇଁ ଦାବି ହୋଇଛି।

## ମାଛ ଗାଡ଼ି ଓଲଟିଲା; ଅଳ୍ପକେ ବର୍ତ୍ତିଲେ ଚାଳକ ଓ ହେଲପର୍

ଛତ୍ରପୁର,୬।୭(ସମିସ): ଚମାଖଣ୍ଡି ଥାନା ଅଧିନ ଟିଟାନିୟମ କମ୍ପାନୀ ନିକଟ ଜାତୀୟ ରାଜପଥରେ ଏକ ମାଛ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଛି।



ଯାହା ଫଳରେ ରାସ୍ତାର ଗୋଟିଏ ପାଶ୍ୱର୍ରେ ଯାତାୟାତ ବନ୍ଦ ରହିଛି। ଆନ୍ଧ୍ର ପ୍ରଦେଶରୁ ଏକ ଟ୍ରକ (ଏପିୟୁକ୍ୟୁ-୫୫୫୪) ମାଛ ନେଇ କଲିକତା ଅଭିମୁଖେ ଯାଉଥିବା ବେଳେ ଟ୍ରକଟି ଭାରସାମ୍ୟ ହରାଇ ଜାତୀୟ ରାଜପଥ ଟିଟାନିୟମ କମ୍ପାନୀ ନିକଟରେ ଓଲଟି ପଡିଥିଲା। ତେବେ ଗାଡି ଚାଳକ ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଥାନା ଅଧିକାରୀ ସବ୍ୟସାଚି ମଲ୍ଲ ଓ ଏମଭିଆଇ ଇ. ରବୀନ୍ଦ୍ର ନାଥ ଜେନା ଘଟଣାସ୍ଥଳରେ ପହଞ୍ଚି କିପରି ରାସ୍ତାରୁ ଟ୍ରକ୍‌କୁ ହଟାଯିବ ତାର ବ୍ୟବସ୍ଥା କରିଥିଲେ।

